ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୪ ଏପ୍ରିଲ, ୨୦୨୧

### ହାତୀ ଆକ୍ରମଣରେ ଜଣେ ଗୁରୁତର

ଦେବଗଡ଼,(ଡି.ଏନ.ଏ.): ମଙ୍ଗଳବାର ରାତିରେ ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ଅନ୍ତର୍ଗତ ସାନମାଣପୁର ଗ୍ରାମରେ ହାତୀ ଆକ୍ରମଣରେ ନିକଟସ୍ଥ କୁଲସୁରା ଗ୍ରାମର ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ରାତ୍ରୀ ପ୍ରାୟ ୮ଟା ୩୦ରେ କୁଲସୁରା ଗ୍ରାମର ମଧୁସୂଦନ ନାୟକଙ୍କ ପୁଅ କୃଷ୍ଣଚନ୍ଦ୍ର (୪୮) କାମସାରି କଲା ପଟୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ସାନମାଣପୁର-କୁଲସୁରା ରାସ୍ତା ମଝିରେ ଥିବା ଆମ୍ବ ବଗିଚା ନିକଟରେ ଏକ ଗୋଠଛଡା ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। କୃଷ୍ଣଚନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଦେବଗଡ଼ ଚିକିତ୍ସାଳୟକୁ ନିଆଯାଇଛି।



## ସଂକ୍ଷେପରେ

### ଟ୍ରକ ଧକ୍କାରେ ଲୁନା ଆରୋହୀ ଗୁରୁତର

ଲହୁଣୀପଡା,୧୩।୪ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବାହାଡାପୋଷ ୧୦ (କ) ରାଜ୍ୟ ରାଜପଥର ଉଲୁସୁରେଇ ନିକଟରେ ମଙ୍ଗଳବାର ଏକ ଟ୍ରକ ଧକ୍କାରେ ଲୁନା ଆରୋହୀ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ବିଭିନ୍ନ ଗ୍ରାମରୁ ପୁରୁଣା ଲୁହା କିଣି ଲୁନାରେ ବୋଝେଇ କରି ଲହୁଣୀପଡା ପଟେ ଆସୁଥିବା ବେଳେ ସେହି ପଟରୁ ଆସୁଥିବା ଟ୍ରକ ଓଡି ୧୪ ଆର- ୯୬୨୨ ଧକ୍କା ଦେଇଥିଲା । ଫଳରେ ଲୁନାରେ ବୋଝେଇ ହୋଇଥିବା ବିଭିନ୍ନ ପୁରୁଣା ଲୁହା ସାମଗ୍ରୀ ଛିଟିକି ହୋଇ ପଡିବା ସହିତ ଆରୋହୀ ଫିଙ୍ଗି ହୋଇ ପଡିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଲୁନା ଆରୋହୀକୁ ଚିକିତ୍ସା ପାଇଁ ବଣାଇ ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ଲୁନା ଓ ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ଟ୍ରକ୍ ପଛରେ ପିଟିଲା ବାଇକ: ୧ମୃତ, ଜଣେ ଗୁରୁତର

ବଡ଼ଗାଁ, ୧୩।୪ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ-୧୦ ବାରମାଇଲ ଛକ ନିକଟରେ ଟ୍ରକ ପଛରେ ବାଇକ ଧକ୍କା ଦେବାରୁ ସଦର ଥାନା ଅଧିନ ଲେମଲେମା ଗ୍ରାମର ମିତ୍ର କିଷାନ (୩୩)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ବାଇକ ଆରୋହୀ ସେହି ଗ୍ରାମର ଦୁଷ୍ମନ୍ତ କିଷାନ (୩୪) ଗୁରୁତର ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ମିଳିଥିବା ସୂଚନାନୁଯାୟୀ ସୋମବାର ସନ୍ଧ୍ୟା ସାଢ଼େ ୭ଟାରେ ବରଙ୍ଗାକଛାର ରାସ୍ତା ପଟୁ ରାଜ୍ୟ ରାଜପଥକୁ ଆସିଲା ପରେ ଦୃତ ଗତିରେ ଚଳନ୍ତା ଟ୍ରକ ପଛରେ ଧକ୍କା ଦେଇଥିଲେ। ଗୁରୁତର ଆହତଙ୍କୁ ବୁର୍ଲା ମେଡିକାଲ ପଠାଯାଇଛି।

### କୋଭିଡରେ ମହିଳାଙ୍କ ମୃତ୍ୟୁ

ବଡ଼ଗାଁ, ୧୩।୪ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାଲବିରା ଗ୍ରାମର ଜଣେ ମହିଳା କୋଭିଡ ସଂକ୍ରମିତ ହୋଇ ସୁନ୍ଦରଗଡ଼ କୋଭିଡ ମେଡିକାଲରେ ସୋମବାର ରାତି ସାଢ଼େ ୮ଟାରେ ମୃତ୍ୟୁବରଣ କରିଛନ୍ତି। ଏହି ଗ୍ରାମର ଝରଣା ଦେଓ (୪୪)ଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ଶନିବାର ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଆଣ୍ଟିଜିନ୍ ଟେଷ୍ଟରେ ସେ ନେଗେଟିଭ ଥିଲେ। ଶନିବାର ସନ୍ଧ୍ୟାରେ ତାଙ୍କୁ ସୁନ୍ଦରଗଡ ମେଡିକାଲ ପଠାଯାଇଥିଲା । ସେଠାରେ କୋଭିଡ ଟେଷ୍ଟରେ ପୋଜିଟିଭ ଜଣାପଡିବାରୁ ସୁନ୍ଦରଗଡ କୋଭିଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ରାତି ସାଢ଼େ ୮ଟାରେ ତାଙ୍କର ମୃତ୍ୟୁ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ବଡ଼ଗାଁ ଅଞ୍ଚଳରେ ପ୍ରତିଦିନ ୧୦ରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହେଉଥିବାରୁ ଆଗାମୀ ଦିନରେ ସତର୍କତା ଅବଲମ୍ବନ ନ କଲେ ବିସ୍ଫୋରକ ପରିସ୍ଥିତି ଦେଖାଦେବା ଆଶଙ୍କା କରାଯାଉଛି। କୋଭିଡରେ ମହିଳାଙ୍କ ମୃତ୍ୟୁ ପରେ ଗ୍ରାମବାସୀ ଗାଁକୁ ଲକ୍‌ଡାଉନ କରିଥିବା ସେମାନଙ୍କ ଠାରୁ ସୂଚନା ମିଳିଛି ।

### କୁଆଁରମୁଣ୍ଡା ସାପ୍ତାହିକ ବଜାରରେ ମାସ୍କ ଚେକିଂ: ୫ ହଜାର ଜରିମାନା ଆଦାୟ

କୁଆଁରମୁଣ୍ଡା, ୧୩।୪(ଡି.ଏନ୍.ଏ.): କରୋନା ସଂକ୍ରମଣ ଅହେତୁକ ବୃଦ୍ଧି ପରିପ୍ରେକ୍ଷୀରେ ବୀରମିତ୍ରପୁର ପୋଲିସ ଉପଖଣ୍ଡରେ ମାସ୍କ ଚେକିଂକୁ ବିଶେଷଭାବେ ଗୁରୁତ୍ୱ ଦିଆଯାଉଛି। ବୀରମିତ୍ରପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଯଶୋବନ୍ତ ସାମଲଙ୍କ ନିର୍ଦ୍ଦେଶକ୍ରମେ ଏବେ ପ୍ରତିଦିନ ବିଭିନ୍ନ ଥାନା ଓ ଫାଣ୍ଡି ପକ୍ଷରୁ ମାସ୍କ ଚେକିଂକୁ କଡ଼ାକଡ଼ି କରାଯାଉଛି। ଏହି କ୍ରମରେ କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସ୍ଥାନୀୟ ସାପ୍ତାହିକ ବଜାର ଯାହାକି ମଙ୍ଗଳବାର ବଜାର ଭାବେ ପରିଚିତ ସେଠାରେ ପୋଲିସ ପକ୍ଷରୁ ମାସ୍କ ଚେକିଂ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ଓ ତାଙ୍କ ପୋଲିସ୍ ଟିମ୍ ଏହି ଚେକିଂରେ ସାମିଲ ହୋଇ ୧୦ ଜଣ ପରିବା ବେପାରୀଙ୍କ ଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଉକ୍ତ ପରିବା ବେପାରୀମାନେ ମୁହଁରେ ମାସ୍କ ବାନ୍ଧି ନ ଥିବାରୁ ସେମାନଙ୍କ ଠାରୁ ୫ ଶହ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଛି ବୋଲି ପୋଲିସ କହିଛି। ଅମାନିଆମାନଙ୍କୁ ସାବାଡ଼ କରିବା ପାଇଁ ଆଗାମୀ ଦିନରେ ଏହି ଚେକିଂକୁ ଆହୁରି କଡାକଡି କରାଯିବ ବୋଲି ଫାଣ୍ଡି ଅଧିକାରୀ ଓରାମ କହିଛନ୍ତି।

# ଥଇଥାନ ଦାବିରେ ଗର୍ଜିଲେ ବସ୍ତିବାସିନ୍ଦା

ସୁନ୍ଦରଗଡ଼, ୧୩।୪ (ଡି.ଏନ୍.ଏ.)



ବସ୍ତିବାସିନ୍ଦା ମହିଳା ପ୍ଲାକାର୍ଡ଼ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

- ପୌର ନିର୍ବାହୀ ଅଧିକାରୀଙ୍କୁ ଘେରାଉ
- ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କୁ ଦେଲେ ଦାବିପତ୍ର

ବସ୍ତି ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ଜାଗା ମିଶନ ଜରିଆରେ ଘରଡ଼ିହ, ଆବାସ ଯୋଜନାରେ ଘର ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସୁନ୍ଦରଗଡ଼ ପୌରାଞ୍ଚଳରେ ଏହି ସୁବିଧା ପାଇବାରୁ ବହୁ ହିତାଧିକାରୀ ବଞ୍ଚିତ ହେଉଥିବାର ଅଭିଯୋଗ ହେଉଛି। ହିତାଧିକାରୀମାନେ ବାରମ୍ବାର ପୌରପାଳିକା ଯାଇ ଏସବୁ ସୁବିଧା ଯୋଗାଇ ଦେବା ପାଇଁ ଦାବି କରିଆସୁଥିଲେ। ବିଭିନ୍ନ ସମୟରେ ସେମାନଙ୍କୁ କେବଳ ପ୍ରତିଶ୍ରୁତି ଦିଆଯାଇ କାଳକ୍ଷେପଣ ନୀତି ଅବଲମ୍ବନ କରାଯାଉଛି। ମଙ୍ଗଳବାର ସହରର ବିଭିନ୍ନ ୱାର୍ଡର ଶହଶହ ମହିଳା ଏନେଇ ପୌର କାର୍ଯ୍ୟାଳୟ ଘେରାଉ କରିଥିଲେ। ହେଲେ ବସ୍ତିବାସିନ୍ଦା ମହିଳାମାନେ ଦୀର୍ଘ ସମୟ ଧରି ଅପେକ୍ଷା ପରେ ପୌରନିର୍ବାହୀ ଅଧିକାରୀ ନ ପହଞ୍ଚିବାରୁ ମହିଳାଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୌରନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସାହା ପହଞ୍ଚିବା ପରେ ମହିଳାଙ୍କର ରୋଷର ଶିକାର ହୋଇଥିଲେ। ଆନ୍ଦୋଳନରତ ମହିଳା ଓ ପୌର ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ପୌର ନିର୍ବାହୀ ଅଧିକାରୀ ନିଜ ସୁରକ୍ଷା ପାଇଁ କେତେକ ବ୍ୟକ୍ତିଙ୍କୁ ଫୋନ୍ କରି ଡାକିବା ପରେ ମହିଳାମାନେ ଆହୁରି ଉତ୍ତେଜିତ ହୋଇଥିଲେ। ଏପରିକି ପରିସ୍ଥିତି ଏପରି ହୋଇଥିଲା କିଛି ଲୋକ ପୌର ନିର୍ବାହୀ ଅଧିକାରୀଙ୍କୁ ଘେରିଯାଇଥିଲେ। ପରେ ମହିଳାମାନେ ପୂର୍ବତନ କାଉନସିଲର ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ପ୍ଲାକାର୍ଡ଼ ଧରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାହୀ ଅଧିକାରୀଙ୍କ ଇସ୍ତଫା ଦାବି କରିଥିଲେ। ଏଥିସହ ପୌର ନିର୍ବାହୀ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ ସୁରକ୍ଷା ପାଇଁ ଦାବି କରିଥିଲେ। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ସଦର ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ହାଇୱା ଧକ୍କାରେ ମହିଳାଙ୍କ ମୃତ୍ୟୁ: ରାସ୍ତାରୋକୋ

ନୂଆଗାଁ, ୧୩।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ସୋରଡା ହସ୍ପିଟାଲ ନିକଟରେ ମଙ୍ଗଳବାର ୧୧ଟାରେ ଦୁର୍ଘଟଣା ଘଟିଛି। ସୋରଡାରୁ ବିଶ୍ରା ଯାଉଥିବା ଏକ ହାଇୱା ଓଡି ୧୯ ଡି- ୧୦୩୬ ସୋରଡା ହସ୍ପିଟାଲ ନିକଟରେ ଅପର ପାର୍ଶ୍ୱରୁ ଆସୁଥିବା ଏକ ମୋଟର ସାଇକେଲ ଓଡି ୧୪ ଭି- ୬୯୪୧ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ମୋଟର ସାଇକେଲରେ ବସିଥିବା ମାନିତ ଟପ୍ପୋ (୪୫) ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଖବରପାଇ ବିଶ୍ରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ତେବେ କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଓ ସୋରଡା ସରପଞ୍ଚ ଲୋକଙ୍କୁ ବହୁତ ବୁଝାସୁଝା କରିବା ପରେ ଅପରାହ୍ନ ୫ଟାରେ ଘଟଣାସ୍ଥଳରୁ ମୃତଦେହ ଉଠିଥିଲା। ମହିଳାଙ୍କ ଘର କୁଆଁରମୁଣ୍ଡା ବ୍ଲକ ପୁଟରିଖିମଣର ପାଟରାଗୁଟ ଗ୍ରାମରେ। ମଙ୍ଗଳବାର ଏକ ବିବାହ ଉତ୍ସବରେ ଯୋଗଦେବାକୁ ତାଙ୍କ ସ୍ୱାମୀଙ୍କ ସହ ମୋଟର ସାଇକେଲରେ ଉର୍ମେଇ ଗ୍ରାମକୁ ଯାଉଥିଲେ। ବିଶ୍ରା ଥାନା ପୋଲିସ ଉଭୟ ହାଇୱା ଓ ମୋଟର ସାଇକେଲକୁ ଜବତ କରି ଘଟଣାର ତଦନ୍ତ କରୁଛି। ଉକ୍ତ ରାସ୍ତାଦେଇ ବର୍ତ୍ତମାନ ସବୁବେଳେ ଜନଗହଳି ରହିବା ସହ ଝାଡ଼ଖଣ୍ଡକୁ ସଂଯୋଗ କରୁଥିବାରୁ ବାରମ୍ବାର ଉକ୍ତ ଅଞ୍ଚଳରେ ଦୁର୍ଘଟଣା ଘଟୁଛି।


ଦୁର୍ଘଟଣା ପରେ ଲୋକେ ରାସ୍ତାରୋକୋ କରିଛନ୍ତି।

# ମୋ ସ୍କୁଲ ଅଭିଯାନର ଧନ୍ୟବାଦ ଉତ୍ସବ


ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ଧନ୍ୟବାଦ ଉତ୍ସବରେ ବିଇଓ, ବିଡ଼ିଓ ଏବଂ ଅନ୍ୟମାନେ ଉପସ୍ଥିତ।

କୁତ୍ରା, ୧୩।୪ (ଡି.ଏନ.ଏ.)

କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ଧନ୍ୟବାଦ ଉତ୍ସବ କୁତ୍ରା ବିଇଓ ଗୁରୁଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ କୁତ୍ରା ବିଇଓ କାର୍ଯ୍ୟକ୍ରମର ଆଭିମୁଖ୍ୟ କହିବା ସହିତ ବ୍ଲକରେ ମୋ ସ୍କୁଲ ଅଭିଯାନର ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ପରେ କୁତ୍ରା ବ୍ଲକର ବିଭିନ୍ନ ବିଦ୍ୟାଳୟର ଆଲୁମିନିମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ମାନପତ୍ର ପ୍ରଦାନ କରି ଧନ୍ୟବାଦ ଜଣାଇଥିଲେ। କୁତ୍ରା ବିଡିଓ ମାନସରଞ୍ଜନ ରୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ପ୍ରଶଂସା କରିବା ସହ ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସାମିଲ ହୋଇ ଏହାର ସୁଫଳ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କୁତ୍ରା ବ୍ଲକ ଚେୟାରମ୍ୟାନ ପରାଗଲତା ଲାକଡା ଯୋଗଦେଇ କୁତ୍ରା ଉଚ୍ଚ ବିଦ୍ୟାଳୟ ପରି ନିଜ ବିଦ୍ୟାଳୟକୁ ଗଢ଼ିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରଧାନଶିକ୍ଷକ ନଳିନୀକାନ୍ତ ସାହୁ, ମିଶ୍ର ଗନ୍ଧା ସମେତ ବହୁ ଆଲୁମିନି ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିଲେ। ଏବିଇଓ ପ୍ରକାଶ ରୟ, ଏବିଇଓ ଜାମଦା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁତ୍ରା ବ୍ଲକର ବିଭିନ୍ନ ବିଦ୍ୟାଳୟର ବହୁ ପ୍ରଧାନଶିକ୍ଷକ ଆଲୁମିନି ସଭ୍ୟାସଭ୍ୟ, ସିଆରସିସି ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିସଫଳ କରିଥିଲେ।

### ମହୁଲ ଗୋଟାଇ ଫେରିବା ପରେ ଟଳି ପଡ଼ିଲେ ବୃଦ୍ଧା

ଲାଠୋର, ୧୩।୪ (ଡି.ଏନ.ଏ.)

ଜଙ୍ଗଲରୁ ମହୁଲ ଗୋଟାଇ ଘରକୁ ଫେରିବାର କିଛି ସମୟ ପରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମସିଣା ଗ୍ରାମର ଜଣେ ବୃଦ୍ଧା ଟଳି ପଡିଛନ୍ତି। ମୃତା ଜଣକ ହେଲେ ଗାଁର ବିମଳା ବାଗ (୫୭)। ଗତ ରବିବାର ଏହି ଦୁଃଖଦ ଘଟଣା ଘଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୃତ୍ୟୁର ତିନିଦିନ ପୂର୍ବରୁ ସେ ପ୍ରଥମ ଡୋଜ କରୋନା ଟିକା ନେଇଥିଲେ। ଟିକା ନେବା ପରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ହେଲେ ପେଟ ପାଇଁ ସେ ଟିକା ନେବା ପରଦିନଠାରୁ ଗାଁ ନିକଟ ଜଙ୍ଗଲକୁ ମହୁଲ ଗୋଟାଇବାକୁ ଯାଉଥିଲେ। ଟିକା ନେବା ଜନିତ ଅସୁସ୍ଥତାରୁ ବିମଳାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକଙ୍କ ସହ ଗାଁର ରାଜକିଶୋର ଭୋଇ, ରୁଦ୍ରମଣି ଭୋଇ, ଟଙ୍କ ନାଗ, ଗୌରିଶଙ୍କର ବାରିକ, ମଙ୍ଗଳ ତାଣ୍ଡି, ଟିମନ ଭୋଇ, ସୁଦର୍ଶନ ନାଗ, ପଟ୍ଟନାୟକ ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବାନୁସାରେ ମୁକୁନ୍ଦ ବାଗଙ୍କ ସ୍ତ୍ରୀ ବିମଳା ଏପ୍ରିଲ ୮ ତାରିଖ ଦିନ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରଠାରେ କରୋନା ଟିକା ନେଇଥିଲେ। ଟିକା ନେବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ ହେଁ ନିଜର ଦୈନନ୍ଦିନ କାର୍ଯ୍ୟ ତୁଲାଉଥିଲେ। ରବିବାର ଅପରାହ୍ନରେ ସେ ଘରେ କାମ କରୁଥିବା ବେଳେ ହଠାତ ଅଚେତ ହୋଇଯାଇଥିଲେ। କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମର ଶଙ୍କର ଭୋଇ ଏବଂ ଶାନ୍ତି ବାରିକ ଟିକା ନେବା ପରେ ଅସୁସ୍ଥତା ଅନୁଭବ କରୁଥିବା କହିଛନ୍ତି।

# ଧାରଣାରେ ବସିଲେ କଲେଜ ଛାତ୍ରୀଛାତ୍ର

ସୁନ୍ଦରଗଡ଼, ୧୩।୪ (ଡି.ଏନ୍.ଏ.)

**ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା ଦାବି**

ଅନଲାଇନ୍ ମାଧ୍ୟମରେ ପରୀକ୍ଷା ଓ ପାଠପଢା ଦାବିକରି ମଙ୍ଗଳବାର ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଧାରଣାରେ ବସିଥିଲେ। ପ୍ରଥମେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ପହଞ୍ଚି ଧାରଣାରତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ସୁନ୍ଦରଗଡ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ହେବାକୁ ଥିବା ଯୁକ୍ତ ୩ ତୃତୀୟ ସେମିଷ୍ଟାର ପରୀକ୍ଷା କରାଯିବାକୁ ଓ ଅନଲାଇନ୍‌ରେ ପାଠପଢା କରାଯିବାକୁ ଛାତ୍ରୀଛାତ୍ର ଦାବି କରିଥିଲେ। ହେଲେ କରୋନା କଟକଣା ନ ମାନି ଛାତ୍ରୀଛାତ୍ର ବହୁସଂଖ୍ୟାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ଧାରଣା ଦେବା ନେଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅନଲାଇନ ମାଧ୍ୟମରେ ପରୀକ୍ଷା ଓ ପାଠପଢା ଦାବିକରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।



ସୁନ୍ଦରଗଡ଼ କଲେଜ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

# କୋର୍ଟରେ ଶୁଣାଣି, ରେଜିଷ୍ଟ୍ରେଶନ ବନ୍ଦ ନିଷ୍ପତ୍ତି

ରାଜଗାଙ୍ଗପୁର, ୧୩।୪ (ଡି.ଏନ.ଏ)

**କରୋନାକୁ ନେଇ ରାଜଗାଙ୍ଗପୁର ଓକିଲ ସଂଘର ଜରୁରୀ ବୈଠକ**

ରାଜଗାଙ୍ଗପୁର ଓକିଲ ସଂଘର ଏକ ଜରୁରୀକାଳୀନ ବୈଠକ ମଙ୍ଗଳବାର ସଭାପତି ମହମ୍ମଦ ମହସିନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁନ୍ଦରଗଡ ଜିଲାରେ କରୋନା ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ ହେବା ସହ ବିଭିନ୍ନ ମତାମତ ଆଇନଜୀବିମାନେ ରଖିଥିଲେ। ଶେଷରେ ସୁରକ୍ଷା ଦୃଷ୍ଟି କୋଣରୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା ଯେ, ୧୪ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜଗାଙ୍ଗପୁରରେ ଥିବା ବିଭିନ୍ନ କୋର୍ଟ, ସାର୍କିଟ କୋର୍ଟରେ ସାକ୍ଷ୍ୟକରଣ ଗ୍ରହଣ ତଥା ଅନ୍ୟାନ୍ୟ ଶୁଣାଣି ସମ୍ପର୍କିତ କୌଣସି କାର୍ଯ୍ୟ ହେବ ନାହିଁ । କେବଳ କୌଣସି ଜରୁରୀକାଳୀନ ଶୁଣାଣି ଥିଲେ ତାହା ହେବ ଓ ଏଥି ସହିତ ତହସିଲ ଅଫିସରେ ସବ୍‌ରେଜିଷ୍ଟ୍ରାରଙ୍କ ଦ୍ୱାରା ହେଉଥିବା ରେଜିଷ୍ଟ୍ରି କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ନ କରି ବନ୍ଦ କରିବା ପାଇଁ ସ୍ଥିରିକୃତ ହୋଇଥିଲା ଓ ଏ ସମ୍ବନ୍ଧରେ ଓକିଲ ସଂଘ ତରଫରୁ ଉପରୋକ୍ତ କୋର୍ଟ ଓ କାର୍ଯ୍ୟାଳୟକୁ ପତ୍ର କରିବା ପାଇଁ ନିଷ୍ପତ୍ତି ହୋଇଥିଲା ।

# ୧୨ଶହ ଟଙ୍କା ନେବାକୁ ଚାଷୀଙ୍କୁ ପରାମର୍ଶ ଦେଲେ ପ୍ୟାକ୍ସ ସମ୍ପାଦକ

ଦେବଗଡ଼,୧୩।୪(ଡ଼ି.ଏନ୍.ଏ.)



ଦଣ୍ଡାସିଂହା କୃଷି ସମବାୟ ସମିତିକୁ ଚାଷୀମାନେ ଆସିଛନ୍ତି।

**ଧାନ ବିକ୍ରିର ଅଢେଇ ମାସ ପରେ ବି ମିଳିନାହିଁ ପ୍ରାପ୍ୟ**

ଧାନ ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ କୃଷି ସମବାୟ ସମିତି ଜରିଆରେ ଟୋକନ ପାଇଲେ। କୃଷି ସମବାୟ ସମିତି ସମ୍ପାଦକଙ୍କ ପରାମର୍ଶ କ୍ରମେ ନିଜେ ଗାଡିଭଡା କରି ରାଇସମିଲରେ ଧାନ ପହଞ୍ଚାଇଲେ। ରାଇସ ମିଲ କର୍ତ୍ତୃପକ୍ଷ କୁଇଣ୍ଟାଲ ପିଛା ୭କିଲୋ ହିସାବରେ କାଟି ଧାନ ଗ୍ରହଣ କରି ଚାଷୀମାନଙ୍କୁ ରସିଦ ଦେଲେ। ପ୍ରାପ୍ୟ ପ୍ରଦାନରେ ସହାୟତା ନିମନ୍ତେ ଏହି ରସିଦକୁ ଚାଷୀମାନେ କୃଷି ସମବାୟ ସମିତି ସମ୍ପାଦକଙ୍କ ନିକଟରେ ଦାଖଲ କଲେ। ଏହି ରସିଦ ପାଇବା ପରେ କୃଷି ସମବାୟ ସମିତି ସମ୍ପାଦକ ଫୋନ କରିବା ପରେ 'ଆଇ ସ୍କାନ' ପାଇଁ ଆସିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଲେ। ମାତ୍ର ଇତି ମଧ୍ୟରେ ଏହାର ପ୍ରାୟ ଅଢେଇ ମାସ ବିତିଯାଇଥିଲେ ମଧ୍ୟ ଚାଷୀମାନଙ୍କର'ଆଇ ସ୍କାନ' କରାଯାଇ ନାହିଁ କି ପ୍ରାପ୍ୟ ବାବଦକୁ ସେମାନଙ୍କର ଆକାଉଣ୍ଟରେ ଟଙ୍କାଟିଏ ମଧ୍ୟ ଜମା ହୋଇନାହିଁ। ଫଳରେ ଋଣ କରଜକରି ଚାଷ କରିଥିବା ଗରିବ ଚାଷୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେବାସହ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏଣେ 'କୁଇଣ୍ଟାଲ ପିଛା ୧୨ଶହ ଟଙ୍କା ନେବ ଯଦି ମିଲରକୁ କହିଦେବି। ନଚେତ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାକୁ ହେଲେ ଏକବର୍ଷ ଅପେକ୍ଷା କରିବାକୁ ପଡିବ'ବୋଲି କୃଷି ସମବାୟ ସମିତିର ସମ୍ପାଦକ ରୋକଠୋକ ଭାବେ ଶୁଣାଇ ଦେଇଛନ୍ତି। ଫଳରେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଏଥିରୁ ମିଲର ଏବଂ କୃଷି ସମବାୟ ସମିତି ସମ୍ପାଦକଙ୍କ ମଧ୍ୟରେ ରହିଥିବା ମଧୁଚନ୍ଦ୍ରିକା ସ୍ପଷ୍ଟ ଭାବେ ବାରି ହୋଇଯାଉଛି। ଏଭଳି ଘଟଣା ଘଟିଛି ବାରକୋଟ ବ୍ଲକ ଅନ୍ତର୍ଗତ ଦଣ୍ଡାସିଂହା ପଞ୍ଚାୟତ ସଦର ମହକୁମାରେ ଥିବା ଦଣ୍ଡାସିଂହା କୃଷି ସମବାୟ ସମିତିରେ। ଦଣ୍ଡାସିଂହା କୃଷି ସମବାୟ ସମିତି ଅଧିନରେ ଥିବା ଚାଷୀମାନଙ୍କର ଅଭିଯୋଗ ଅନୁଯାୟୀ ଧାନବିକ୍ରି ପାଇଁ ଗତ ଜାନୁଆରୀ ମାସରେ ଟୋକନ ଆସିବାପରେ ୫୦କୁଇଣ୍ଟାଲ ବା ତଦୁର୍ଦ୍ଧ୍ୱ ପରିମାଣର ଧାନ ବିକ୍ରି କରିବାକୁ ଥିବା ୨୦ଜଣରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସମବାୟ ସମିତି ସମ୍ପାଦକ ହରେକୃଷ୍ଣ ଦେହୁରୀ ସେମାନଙ୍କୁ ଟୋକନ ପ୍ରଦାନ କରିବା ସହ ଧାନ ସବୁକୁ ବଣିଆକିଲିଣ୍ଡା ସ୍ଥିତ ରାଇସମିଲରେ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ସେଠାରୁ ରସିଦ ଆଣି କୃଷି ସମବାୟ ସମିତି କାର୍ଯ୍ୟାଳୟରେ ଜମା କରିବାକୁ କହିଥିଲେ। ତାଙ୍କର ପରାମର୍ଶ କ୍ରମେ ସମ୍ପୃକ୍ତ ଚାଷୀମାନେ ନିଜେ ଗାଡିଭଡା କରି ଉକ୍ତ ରାଇସ୍ ମିଲକୁ ଧାନ ଆଣିଦେଇଥିଲେ ହେଁ ରାଇସ ମିଲ କର୍ତ୍ତୃପକ୍ଷ ବିଭିନ୍ନ କାରଣ ଦର୍ଶାଇ ସେମାନଙ୍କର ଧାନରୁ କୁଇଣ୍ଟାଲ ପିଛା ୭କିଲୋ ଲେଖାଏଁ କଟନୀ ଛଟନୀ କରି ଏବାବଦକୁ ରସିଦ ଦେଇଥିଲେ । ଏହି ରସିଦ୍‌କୁ ଚାଷୀମାନେ କୃଷି ସମବାୟ ସମିତିରେ ଜମା କରିବାରୁ ଫୋନ କରିବା ପରେ 'ଆଇ ସ୍କାନ'ପାଇଁ ଆସିବାକୁ କୃଷି ସମବାୟ ସମିତି ସମ୍ପାଦକ ଉକ୍ତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ମାତ୍ର ସେମାନଙ୍କର ଆଇ ସ୍କାନ କରାଯାଇ ନ ଥିଲା କି ସେମାନଙ୍କର ପ୍ରାପ୍ୟ ମଧ୍ୟ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇ ନ ଥିଲା। ଚାଷୀମାନେ ଏ ସମ୍ପର୍କରେ ପଚାରିବାରୁ ସମ୍ପାଦକ ଦେହୁରୀ ବିଭିନ୍ନ ଆଳଦେଖାଇ ଦିନ ଗଡାଇ ଚାଲିଥିଲେ। ଫଳରେ ନିରାଶ ଚାଷୀମାନେ ଗତ ମାର୍ଚ୍ଚ ୨୨ ରେ ଏ ସମ୍ପର୍କରେ ଦେବଗଡ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସେମାନେ ୧୨ ତାରିଖ ପୁଣି ଥରେ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପ୍ରାପ୍ୟ ପାଇଁ ଲିଖିତ ଗୁହାରି କରିଥିଲେ । ଚାଷୀମାନଙ୍କର ଅଭିଯୋଗ ସମ୍ପର୍କରେ ମତାମତ ନିମନ୍ତେ ସମ୍ପୃକ୍ତ ସମ୍ପାଦକ ଦେହୁରୀଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଅଧାରୁ କଲ କାଟିଦେବା ସହ ପରବର୍ତ୍ତୀ ସମୟରେ କଲ ରିସିଭ କରି ନ ଥିଲେ। ଅନ୍ୟପକ୍ଷରେ ଦେବଗଡ ସମବାୟ ସମିତିର ଉପ ସହକାରୀ ନିବନ୍ଧକ ନିମାଇଁ ଚରଣ ନାୟକଙ୍କ ମତାମତ ଲୋଡିବାରୁ ଏନେଇ ଚାଷୀମାନେ ଅଭିଯୋଗ କରିଥିବା ସ୍ୱୀକାର କରିବାସହ ଏଘଟଣାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉତ୍ତର ଦେଇଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ବିଜେଡି ପକ୍ଷରୁ ଡା. ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମୁଦିପଡା ଛକ, ସକାଳ ୭ଟା ।
- ଅଗ୍ନିସେବା ସପ୍ତାହ, ଫାୟାର ଷ୍ଟେଶନ, ସକାଳ ସାଢ଼େ ୮ଟା ।
- ସାମୂହିକ ଆଳତି ଓ ପୂଜା, ବୁଦ୍ଧହିଲ୍‌ସ୍ଥିତ ହନୁମାନ ମନ୍ଦିର, ସନ୍ଧ୍ୟା ୭ଟା ।

## ସଂକ୍ଷେପରେ

### ରାଷ୍ଟ୍ରୀୟ ନବବର୍ଷ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୩।୪ (ବ୍ୟୁରୋ):** ରାଷ୍ଟ୍ରୀୟ ନବବର୍ଷ କାର୍ଯ୍ୟକ୍ରମ ମଙ୍ଗଳବାର ସମ୍ବଲପୁର ରୋଟାରୀ କ୍ଲବ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ କୁମାର ମିତ୍ତଲ ମୁଖ୍ୟଅତିଥି ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଶ୍ଚିମ ଓଡିଶା ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଭାରତ ମାତାଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ଆୟୋଜକ ସାପ୍ତାହିକ ପତ୍ରିକା ହୀରାପ୍ରସ୍ତ ସମ୍ପାଦକ ଦାମୋଦର କର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡ. ବସନ୍ତ ଦାଶ ଅତିଥି ପରିଚୟ ଓ ସଙ୍ଗୀତା ଗୌନ୍ତିଆ ଧନ୍ୟବାଦ ଦେଇଥିଲେ। ସୀମାନ୍ତିକା ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୧୭ ଜଣ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଫାଟକ ଷ୍ଟେଶନରେ ଜମି ମାପଚୁପ



**ସମ୍ବଲପୁର, ୧୩।୪ (ବ୍ୟୁରୋ):** ସମ୍ବଲପୁର ଫାଟକ ରୋଡ୍ ଷ୍ଟେଶନ ବନ୍ଦକୁ ବିରୋଧ କରି ନାଗରିକ କଲ୍ୟାଣ ସମିତି ପକ୍ଷରୁ ରେଳ ଧାରଣାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାକୁ ଉଚ୍ଛେଦ ନ କରି ବିକାଶ ସହ ରେଳ ଲାଇନ ବିଛାଇବାକୁ ଦାବି କରାଯାଇଥିଲା। ଏହି ଘଟଣାରେ ମଙ୍ଗଳବାର ରେଳ ବିଭାଗ ପକ୍ଷରୁ ଫାଟକ ଷ୍ଟେଶନରେ ଜମି ମାପଚୁପ କରାଯାଇଛି। ରୟତି ଜମି, ସରକାରୀ କିସମ ଓ ରେଳ ବିଭାଗର ଜମି ଚିହ୍ନଟ କରାଯାଇଛି। ଆବଶ୍ୟକ ରେଳ ଲାଇନ ବିଛାଇବା ସମ୍ଭବ ହେବ କି ନାହିଁ ସେ ନେଇ ତର୍ଜମା କରାଯାଇଛି। ରେଳ ବିଭାଗର ଏସିଏମ୍ ଏକେ ବାଜପେୟୀ, ଆର୍.କେ. ସାହୁ ଓ ଠିକା କମ୍ପାନୀର ଅଙ୍କୁର ସିଂଙ୍କ ସମେତ ନାଗରିକ କଲ୍ୟାଣ ସମିତିର ଆଶିଷ ପାଢ଼ୀ, ବିକାଶ ପଣ୍ଡା, ଦେବାଶିଷ ପୁରୋହିତ, ସପନ ମିଶ୍ର, ସଞ୍ଜିତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ପରାମର୍ଶର ବର୍ଷେ ପରେ ନିଆଗଲା କଟକ

**ସମ୍ବଲପୁର, ୧୩।୪ (ବ୍ୟୁରୋ)**

- ହାଇଦର ଫେରାର ହେବା ଘଟଣା
- ପୋଲିସ,ଜେଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ସନ୍ଦେହରେ

ସମ୍ବଲପୁର ମଣ୍ଡଳ କାରାଗାରରେ ସଜା କାଟୁଥିବା ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ଗତ ଶନିବାର କଟକ ଏସ୍‌ସିବି ମେଡିକାଲରୁ ଫେରାର ଘଟଣାକୁ ୪ଦିନ ବିତିଯାଇଛି। ହେଲେ ପୋଲିସକୁ ଏହାର ସୁରାକ ମିଳିପାରି ନାହିଁ। ୨୦୨୦ ଏପ୍ରିଲ ୨୩ରେ ଓପିଡିରେ ହାଇଦରଙ୍କୁ ଚିକିତ୍ସା କରାଯାଇଥିଲା। ଭିମ୍‌ସାରରେ ପ୍ଲାଷ୍ଟିକ ସର୍ଜରୀ ଓ ସିଟିଭିଏସ୍ ଚିକିତ୍ସା ସୁବିଧା ନ ଥିବାରୁ ତାଙ୍କୁ କଟକ ଏସ୍‌ସିବିରେ ଯାଇ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଥିଲା। ଏହା ପରେ ହାଇଦର ଡିସେମ୍ବର ୨୯ରେ ଚକ୍ଷୁ ବିଭାଗ ଓପିଡିରେ ଚିକିତ୍ସିତ ହୋଇ ପୁଣି ଜେଲକୁ ଫେରି ଆସିଥିଲେ। ତା'ପରେ ଆଉ ସେ ଭିମ୍‌ସାରକୁ ଚିକିତ୍ସା ପାଇଁ ଯାଇନାହାନ୍ତି ବୋଲି ଭିମ୍‌ସାର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ପରାମର୍ଶ ଦିଆଯିବାର ବର୍ଷକ ପରେ ତାଙ୍କୁ କଟକ ନିଆଯାଇଥିବାରୁ ପୋଲିସ ଓ ଜେଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ଉପରେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ପରାମର୍ଶ ପରେ ଜେଲ କର୍ତ୍ତୃପକ୍ଷ କଟକ ନେବା ପାଇଁ ତତ୍କାଳୀନ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ହେଲେ କୋଭିଡ୍ ହେଉ କି ଅଧିକ ଚିକିତ୍ସା ଆବଶ୍ୟକତା ନ ଥିବା କାରଣରୁ ଅନୁମତି ମିଳି ନ ଥିଲା। ନୂତନ ଏସ୍‌ପି ବାତୁଲା ଗଙ୍ଗାଧର ଯୋଗଦାନ ପରେ ପୁଣି ୨୦୨୦ ଡିସେମ୍ବରରେ ଜେଲ କର୍ତ୍ତୃପକ୍ଷ ହାଇଦରଙ୍କୁ କଟକ ନେବାକୁ ଅନୁରୋଧ କରିଥିଲେ। ୨୦୨୧ ଜାନୁୟାରୀ ୧୯ରେ ଅନୁମତି ମିଳିବା ପରେ ତାଙ୍କୁ କଟକ ନିଆଯାଇଥିଲା। ସେଠାରେ ଚକ୍ଷୁ ବିଭାଗ ଓପିଡିରେ ଚିକିତ୍ସା କରାଯାଇଥିଲା। ଏହାସହ ନ୍ୟୁରୋଲୋଜି, ପ୍ଲାଷ୍ଟିକ ସର୍ଜରୀ, ଅର୍ଥୋପେଡିକ, ୟୁରୋଲୋଜି, ନେଫ୍ରୋଲୋଜି ବିଭାଗରେ ଚିକିତ୍ସା କରାଯାଇଥିଲା। ଏକମାସ ପରେ ପୁଣି ଆସିବାକୁ ଏସ୍‌ସିବି ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ସିଟିଭିଏସ୍ ବିଭାଗ ବନ୍ଦ ହୋଇଯାଇଥିବାରୁ ଚିକିତ୍ସା ନ କରି ସମ୍ବଲପୁର ଫେରି ଆସିଥିଲେ। ପୁଣି ଏକମାସ ବ୍ୟବଧାନରେ ଫେବୃୟାରୀ ୧୯ରେ ଏସସିବିକୁ ଯାଇ ଫେରିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ପୁଣି ଏକ ମାସ ପରେ ଅର୍ଥାତ୍ ୨୦୨୧ ମାର୍ଚ୍ଚ ୨୩ରେ ତାଙ୍କୁ କଟକ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଏପ୍ରିଲ ୧୦ରେ ସେ ଫେରାର ହେବାରେ ସଫଳ ହୋଇଥିଲେ। ତାଙ୍କୁ ଧରିବା ପାଇଁ ସମ୍ବଲପୁର ପୋଲିସ ଟିମ୍ ରାଜ୍ୟ ସୀମା ଓ ରାଜ୍ୟ ବାହାରେ ଡେରା ପକାଇଛି। ହାଇଦର ଭଳି ଜଣେ କୁଖ୍ୟାତ ଅପରାଧୀଙ୍କୁ ପୋଲିସ ବାରମ୍ବାର କମ୍ ସୁରକ୍ଷା ବ୍ୟବସ୍ଥାରେ କଟକ ନେଉଥିଲା। ପୁଣି ତାଙ୍କ ଫେରାର ଯୋଜନା ସମ୍ପର୍କରେ ପୋଲିସ କିଭଳି ଜାଣିପାରିଲା ନାହିଁ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରୁଛନ୍ତି। ଏସବୁ ନେଇ ପୋଲିସ ଓ ଜେଲ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି।

# ନିଯୁକ୍ତି ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ



ଅନଶନରେ ବସିଥିବା ବେକାର ଯୁବକମାନେ।

**ଝାରସୁଗୁଡ଼ା ଅଫିସ,୧୩।୪**

ଝାରସୁଗୁଡ଼ା ଜିଲାରେ ଗଢିଉଠିଥିବା ବିଭିନ୍ନ କଳକାରଖାନାରେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦାବିରେ ଅଖିଳ ଭାରତ ଯୁବ ସଂଘ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦିଆଯାଇଥିଲା। ସଂଘ ପକ୍ଷରୁ କୁହାଯାଇଛି, ଜିଲାର ପ୍ରତି ବ୍ଲକ୍, ତହସିଲ କାର୍ଯ୍ୟାଳୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଖୋଲାଯାଇ ସ୍ଥାନୀୟ ଯୁବତୀଯୁବକଙ୍କ ନାମ ପଞ୍ଜୀକରଣ କରାଯାଇ ନିଯୁକ୍ତି ପ୍ରଦାନ ନେଇ ଦାବି ହୋଇଆସୁଛି। ହେଲେ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ସଂଘ ବାଧ୍ୟହୋଇ ଗତ ଶନିବାରରୁ ଲଖନପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଅନଶନ ଚଳାଇଛି। ଏହି ଅନଶନ ମଙ୍ଗଳବାର ୪ର୍ଥ ଦିବସରେ ପହଞ୍ଚିଛି। ଅନଶନରେ ପ୍ରତିଦିନ ୧୦ଜଣ ଯୁବକ ସାମିଲ ହେଉଛନ୍ତି। ଏହାକୁ ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମର୍ଥନ ଜଣାଉଛନ୍ତି। ଏଥିରେ ଶ୍ରମିକନେତା ରମେଶ ତ୍ରିପାଠୀ, ସଂଘର ଜିଲା ସଭାପତି ରମାକାନ୍ତ ସାହୁ, ସୁଶାନ୍ତ ସାହୁ, ପଦ୍ମଲୋଚନ ପ୍ରଧାନ, ଶ୍ୟାମ ସୁନ୍ଦର ବାରିକ, ଫଣିନ୍ଦ୍ର ଭୋଇ, ରଞ୍ଜିତ ଗର୍ଡିଆ, କେଶବ ଛୁରିଆ, କାହ୍ନା ଅମାତ, ବିନୋଦ ଭୋଇ, ବ୍ରହ୍ମାନନ୍ଦ ପ୍ରଧାନ, ହେମାନନ୍ଦ ଭୋଇ ପ୍ରମୁଖ ସାମିଲ ହୋଇଛନ୍ତି।

# ଏନ୍‌ଏଲ୍‌ସି କମ୍ପାନୀରେ ସ୍ଥାୟୀ ନିଯୁକ୍ତି ନେଇ ଦାବିପତ୍ର

**ସମ୍ବଲପୁର, ୧୩।୪(ବ୍ୟୁରୋ)**

## ବିଧାନସଭାରେ ମନ୍ତ୍ରୀଙ୍କ ମିଥ୍ୟା ସୂଚନା



ଜିଲାପାଳ ଅଫିସ ସମ୍ମୁଖରେ ବିସ୍ଥାପିତମାନେ ।

ଏନ୍‌ଏଲ୍‌ସି କମ୍ପାନୀରେ ସ୍ଥାୟୀ ନିଯୁକ୍ତି ନେଇ ସମ୍ବଲପୁର ଜିଲାପାଳଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ ରେଙ୍ଗାଲି ତହସିଲ ଅନ୍ତର୍ଗତ ତଲାବିରା- ୨ ଓ ୩ କୋଇଲା ଖଣିରୁ ନବରତ୍ନ କମ୍ପାନୀ ଏନ୍‌ଏଲ୍‌ସିକୁ କୋଇଲା ଖନନ ପାଇଁ ଅନୁମତି ମିଳିଛି। ଏଥିରେ ଖୁଣ୍ଡା, ପତ୍ରାପାଲି ଓ ମଲଦା ପଞ୍ଚାୟତ ଅନ୍ତର୍ଗତ ୫ ଗ୍ରାମର ୧୦ହଜାର ୪୩୮ ପରିବାର ଜମି ହରାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କମ୍ପାନୀ ଜଣେହେଲେ ଲୋକଙ୍କୁ ନିଯୁକ୍ତି ଦେଇନାହିଁ ବୋଲି ସୂଚନା ଅଧିକାର ଆଇନରେ ତଥ୍ୟ ମିଳିଥିବା ବୀର ସୁରେନ୍ଦ୍ର ସାଏ ସେନାର ପରାମର୍ଶଦାତା ବୀରେନ୍ଦ୍ର କୁମାର ପାଣିଗ୍ରାହୀ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ବିଧାନସଭାରେ ୨୦୨୦ ଅକ୍ଟୋବର ୫ରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଏନ୍‌ଏଲ୍‌ସି କମ୍ପାନୀରେ ନିଯୁକ୍ତି ଓ କ୍ଷତିପୂରଣ ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖି ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ୧୪୧ ଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇଥିବା କହିଥିଲେ। ଏହାସହ ଆଗାମୀ ୫ ବର୍ଷରେ ୯୭୯ ଜଣଙ୍କୁ ନିଯୁକ୍ତି ସୁଯୋଗ ରହିଛି ବୋଲି ଉତ୍ତର ଦେଇଥିଲେ, ଯାହାକି ଭୁଲ ତଥ୍ୟ। ୨୦୨୧ ଜାନୁୟାରୀ ୧୩ରେ କମ୍ପାନୀ ସୂଚନା ଅଧିକାର ଆଇନ (ଆର୍‌ଟିଆଇ)ରେ ତଥ୍ୟ ଦେଇଛି ଯେ, କୌଣସି ସ୍ଥାୟୀ ନିଯୁକ୍ତି କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇନାହିଁ। କେବଳ ଆର୍‌ଆର୍ ପଲିସି ଅନୁଯାୟୀ ଜମି କ୍ଷତିଗ୍ରସ୍ତଙ୍କୁ ଆର୍ଥିକ କ୍ଷତିପୂରଣ ଦେଇଥିବା ପ୍ରକାଶ କରିଛି। କମ୍ପାନୀ ଓ ମନ୍ତ୍ରୀଙ୍କ ତଥ୍ୟରେ ତାଳମେଳ ରହୁନାହିଁ। ସୁରେନ୍ଦ୍ର ପ୍ରଧାନ, ଅଞ୍ଜଳି ରାଉତଙ୍କ ସମେତ ବହୁ ବିସ୍ଥାପିତ ଉପସ୍ଥିତ ଥିଲେ।

### ୧୫ରୁ ବିଦାୟ ଦୁଶ୍ଚିନ୍ତା କାର୍ଯ୍ୟକ୍ରମ

**ସମ୍ବଲପୁର, ୧୩।୪ (ବ୍ୟୁରୋ)**

ବିଦାୟ ଦୁଶ୍ଚିନ୍ତା କାର୍ଯ୍ୟକ୍ରମ ଚଳିତ ମାସ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ବ୍ରହ୍ମକୁମାରୀ ପକ୍ଷରୁ ଅନୁଷ୍ଠିତ ହେବ। ଏଥିରେ ଇନ୍ଦୋରର ବିକେ ପୁନମ୍ ଯୋଗଦେଇ ସନ୍ଧ୍ୟା ୭ଟାରୁ ଆଧ୍ୟାତ୍ମିକ ଉଦ୍‌ବୋଧନ ଦେବେ। ୟୁ-ଟ୍ୟୁବ୍ ଓ ହ୍ୱାଟ୍ସଆପ୍ ମାଧ୍ୟମରେ କାର୍ଯ୍ୟକ୍ରମ ହେବ ବୋଲି ପଶ୍ଚିମ ଓଡିଶା ବ୍ରହ୍ମାକୁମାରୀ କେନ୍ଦ୍ର ପରିଚାଳିକା ବ୍ରହ୍ମକୁମାରୀ ପାର୍ବତୀ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି।

### ବସ୍ତି ଅଞ୍ଚଳରେ ପାଠ୍ୟ ପୁସ୍ତକ ବଣ୍ଟନ

**ସମ୍ବଲପୁର, ୧୩।୪ (ବ୍ୟୁରୋ)**

ବସ୍ତି ଅଞ୍ଚଳରେ ବସବାସ କରୁଥିବା ଗରିବ ପିଲାମାନଙ୍କୁ ସୋମବାର ସନ୍ଧ୍ୟାରେ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଛି। କ୍ଷେତରାଜପୁର ଦଳଦଳିପଡା ହେଲ୍ପିଂ ହ୍ୟାଣ୍ଡ ସଂଯୋଜିକା ଅନିତା ବାଗଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପିଲାମାନଙ୍କୁ ଖାତା, କଲମ ଦିଆଯିବା ସହ କୋଭିଡ୍ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଲିମା ସିଂ ଓ ସୀମା ସିଂ, ଅନୁଷ୍ଠାନର ସହ ସଂଯୋଜିକା କବିତା ବାଗ ସହଯୋଗ କରିଥିଲେ।

### ମନ୍ଦିର ପୂଜକଙ୍କୁ ମାଡ଼ମାରି ଲୁଟ୍

**ବ୍ରଜରାଜନଗର,୧୩।୪ (ଡି.ଏନ.ଏ.)**

ଓରିଏଣ୍ଟ ଥାନା ଅନ୍ତର୍ଗତ ଭୂତବଙ୍ଗଳା ଛକ ଉପରେ ଥିବା ମା' ତାରିଣୀ ମନ୍ଦିର ପୂଜକ ଦୀପୁ ତ୍ରିପାଠୀଙ୍କୁ କେହି ମାଡ଼ମାରି ତାଙ୍କଠାରୁ ଟଙ୍କା ଓ ମୋବାଇଲ ଲୁଟିନେଇଛନ୍ତି। ମନ୍ଦିର ନିକଟ ଅଞ୍ଚଳର ଜଣେ ବ୍ୟକ୍ତି ଲୁଟ୍ କରିଥିବା ନେଇ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

# ଆର୍‌ଡିସି ଅଫିସ ପରିସରରେ ଅଗ୍ନିକାଣ୍ଡ



ନିଆଁ ଲିଭାଉଛନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ ।

**ସମ୍ବଲପୁର, ୧୩।୪ (ବ୍ୟୁରୋ)**

ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସ ପରିସର ପଛପଟେ ମଙ୍ଗଳବାର ଅପରାହ୍ନ ୧୨ଟାରେ ଅଗ୍ନିକାଣ୍ଡ ଘଟିଥିଲା। ସୂଚନା ପାଇ ସମ୍ବଲପୁର ଅଗ୍ନିଶମ ବିଭାଗର ଦୁଇଟି ଛୋଟ ଗାଡି ଓ ଗୋଟିଏ ବଡ ଗାଡି ପହଞ୍ଚିଥିଲା। ଆର୍‌ଡିସି ଅଫିସ ସମ୍ମୁଖ ରାସ୍ତା ଫ୍ଲାଏ ଓଭର ନିର୍ମାଣ ଯୋଗୁ ସଙ୍କୁଚିତ ହୋଇଥିବାରୁ ଦମକଳ ଗାଡି ଭିତରକୁ ପ୍ରବେଶ କରିପାରି ନ ଥିଲା। ରାସ୍ତାରେ ଛିଡା ହୋଇ ଅଗ୍ନିଶମ ବିଭାଗ କର୍ମଚାରୀ ପାଇପ ନେଇ ନିଆଁକୁ ଆୟତ୍ତ କରିଥିଲେ।

# କରୋନା ସଂକ୍ରମିତଙ୍କୁ ଛାଡ଼ି ହେଲ୍‌ମେଟ ଚେକିଂରେ ବ୍ୟସ୍ତ ପ୍ରଶାସନ

**ବ୍ରଜରାଜନଗର, ୧୩।୪ (ଡି.ଏନ.ଏ.)**

ବ୍ରଜରାଜନଗର ସହରାଞ୍ଚଳରେ ପୋଲିସ ପ୍ରଶାସନ, ଜିଲା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ପ୍ରମୁଖ ବିଭିନ୍ନ ସ୍ଥାନରେ ଚେକିଂ କରି ଲୋକଙ୍କଠାରୁ ଜରିମାନା କାଟିବାରେ ଲାଗିଛନ୍ତି। ହେଲେ ସହରର ରାମରକ୍ଷା ପଡାରେ ୧୩ ଜଣ କରୋନା ପଜିଟିଭ୍ ହୋଇଥିଲେ ମଧ୍ୟ ସେମାନେ ଘରେ କ୍ୱାରାଣ୍ଟାଇନ୍‌ରେ ନ ରହି ବାହାରେ ବୁଲାବୁଲି କରୁଛନ୍ତି। ଏପରି କି କେହି କେହି ନିଜ ବ୍ୟବସାୟ ପ୍ରତିଷ୍ଠାନରେ ବସି ରହୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସେମାନଙ୍କ ପାଇଁ କଟକଣା ଲଗାଯାଉନାହିଁ କି ସେମାନଙ୍କ ଘର ସମ୍ମୁଖରେ କୌଣସି ଲିଖିତ କାଗଜ ଲଗାଯାଇ ନାହିଁ। ଫଳରେ ଉକ୍ତ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ବିନୟ ପଟେଲଙ୍କ ସହିତ ଯୋଗାଯୋଗ କରିବାରୁ ସେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି କହିବା ସହିତ ସ୍ୱାସ୍ଥ୍ୟ ବିଭାଗ ପଦାଧିକାରୀଙ୍କ ସହିତ ଆଲୋଚନା କରିଥିବା କହିଥିଲେ।

# ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଦାବିପତ୍ର

**ଝାରସୁଗୁଡ଼ା ଅଫିସ,୧୩।୪**

ବେଲପାହାଡ଼ ଟାଉନ କଂଗ୍ରେସ କମିଟି ତରଫରୁ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ସ୍ଥାନୀୟ ବିଦ୍ୟୁତ ସବ୍‌ଡିଭିଜିନାଲ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ସଭାପତି ଭାସ୍କର ପଟେଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଧର୍ମାନନ୍ଦ ମେହେର, ରମା ଭୋଳ, ହିରାଧର ମାଝି, ପୂର୍ଣ୍ଣ ଗୁଡୁଲା, ପ୍ରଦୀପ ବାନୀ, ଇଜାଜ୍ ଅହମ୍ମଦ, ଦିବାନନ୍ଦ ଭୋଇ, ପବିନ ବାଗ୍, ଅନିଲ ଭୋଇ, ରୋଶନ ରଥ ପ୍ରମୁଖ ସାମିଲ ହୋଇଥିଲେ।

# ବରଗଡରେ କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠା ଦାବି




ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ପୋଷ୍ଟକାର୍ଡ କାର୍ଯ୍ୟକ୍ରମ ।

**ସମ୍ବଲପୁର, ୧୩।୪ (ବ୍ୟୁରୋ)**

## ପଶ୍ଚିମାଞ୍ଚଳ ଏକତା ମଞ୍ଚର ପୋଷ୍ଟକାର୍ଡ କାର୍ଯ୍ୟକ୍ରମ

ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡଠାରେ କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ। କିନ୍ତୁ ପରିତାପର ବିଷୟ ଯେ, ରାଜ୍ୟ କ୍ୟାବିନେଟରେ ଭୁବନେଶ୍ୱରଠାରେ ଏହି ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ଏହାକୁ ପଶ୍ଚିମ ଓଡିଶା ଏକତା ମଞ୍ଚ ବିରୋଧ କରିଛି। ମଙ୍ଗଳବାର ଇଷ୍ଟଦେବୀ ସମଲେଶ୍ୱରୀ ମନ୍ଦିର ସମ୍ମୁଖରେ ପୋଷ୍ଟକାର୍ଡ କାର୍ଯ୍ୟକ୍ରମ କରାଯାଇଥିଲା। ଭକ୍ତମାନେ ବରଗଡଠାରେ ହସ୍ପିଟାଲ କରାଯାଉ ବୋଲି ପୋଷ୍ଟକାର୍ଡରେ ଦସ୍ତଖତ କରିଥିଲେ। ପରବର୍ତ୍ତି ସମୟରେ ପୋଷ୍ଟକାର୍ଡଗୁଡିକୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବ ବୋଲି ମଞ୍ଚ କର୍ମକର୍ତ୍ତା କହିଛନ୍ତି। ମଧ୍ୟାହ୍ନରେ ଜିଲା ଓକିଲ ସଂଘ କର୍ମକର୍ତ୍ତା ଏଥିରେ ସାମିଲ ହୋଇ ବରଗଡରେ ହସ୍ପିଟାଲ କରିବାକୁ ଦାବି କରିଥିଲେ। ସଂଘ ସଭାପତି ଡ. ପ୍ରମୋଦ କୁମାର ରଥ, ସାଧାରଣ ସମ୍ପାଦକ ରବିରଞ୍ଜନ ପୂଜାରୀ, ବରିଷ୍ଠ ଆଇନଜୀବୀ ଅରବିନ୍ଦ ନାୟକ, ପ୍ରକାଶ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଜୟକୃଷ୍ଣ ବେହେରା, ରାଜିବ ଷଡଙ୍ଗୀ, ଅକ୍ଷୟ ଦାଶ, ଅନୁପ ସାହୁ, ଚମାର ମିର୍ଦ୍ଧା ପ୍ରମୁଖ ପୋଷ୍ଟକାର୍ଡ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏକତା ମଞ୍ଚ ଆବାହକ ଭବାନୀଶଙ୍କର ଭୋଇ, ମୁଖ୍ୟ ସଂଯୋଜକ ମାନସରଞ୍ଜନ ବକ୍ସି, ଭାଷା ସାହିତ୍ୟ ସଂଯୋଜିକା ପଙ୍କଜିନୀ ମେହେର, ମହିଳା ସଂଯୋଜିକା କାନ୍ତି ମେହେର, ଯୁବ ସଂଯୋଜକ ଦେବାଶିଷ ବେହେରା, ସମ୍ବଲପୁର ଶାଖା ଯୁବ ସଂଯୋଜକ ରାହୁଲ ଗୁପ୍ତା, ଗୋଶାଳା ଶାଖାର ସୁଷମା ସାହୁ, ଟିଙ୍କୁ ବାଗ, ଅର୍ପଣ ଦାସ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମଲେଇ ଯୋଜନା ପ୍ୟାକେଜକୁ ବିରୋଧ

**ସମ୍ବଲପୁର, ୧୩।୪ (ବ୍ୟୁରୋ)**




ଜିଲାପାଳଙ୍କ ଅଫିସ ସମ୍ମୁଖରେ ଘୁନଘୁଟି ପଡ଼ାବାସୀ ।

- ଜାତି ପକ୍ଷପାତ ନ କରି କ୍ଷତିପୂରଣ ଦିଆଯାଉ
- ଘୁନଘୁଟି ପଡ଼ାବାସୀ ଜିଲାପାଳଙ୍କୁ ଫେରାଦ

ରାଜ୍ୟ ସରକାର ସମଲେଇ ମନ୍ଦିର ଉନ୍ନତୀକରଣ ଓ ପାରସ୍ପରିକ ବିକାଶ ପାଇଁ ସମଲେଇ ଯୋଜନା କରିଛନ୍ତି। ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ୟାକେଜ ଘୋଷଣା କରିବା ସହ ସମସ୍ତ ବିସ୍ଥାପିତ ଓ ପ୍ରଭାବିତଙ୍କୁ କ୍ଷତିପୂରଣ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ହେଲେ ଏଥିରେ ପାତରଅନ୍ତର କରାଯାଇଥିବା ଅଭିଯୋଗ କରି ଘୁନଘୁଟି ପଡାବାସୀ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଶତାଧିକ ମହିଳାପୁରୁଷ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି ଯେ, ଅନୁସୂଚିତ ଜାତି (ଗଣ୍ଡା) ସମ୍ପ୍ରଦାୟର ଅଧିକାଂଶ ପରିବାର ବସବାସ କରିଆସୁଛୁ। ପଶ୍ଚିମ ଓଡ଼ିଶାର ପ୍ରଥମ ଗଣ୍ଡାପଡା ଭାବେ ରାଜା ବଳରାମ ଦେବଙ୍କ ନିର୍ଦ୍ଦେଶରେ ଆମ ପୂର୍ବଜମାନେ ଏଠାରେ ରହି ଆସୁଥିଲେ। ମା' ସମଲେଇଙ୍କ ନୀତିକାନ୍ତିରେ ଗଣ୍ଡାବାଜା ବଜାଯାଉଥିଲା, ଯାହା ବର୍ତ୍ତମାନ ଦୁଲଦୁଲି ବାଜା ଭାବେ ପରିଚିତ। ଏବେ ମଧ୍ୟ ଆମେ ବିଭିନ୍ନ ସମୟରେ ସେବା କରିଆସୁଛୁ। ପ୍ରାୟ ୪୫୦ ବର୍ଷ ଧରି ବସବାସ କରିଆସୁଥିବା ପରିବାରକୁ ଏବେ ବିସ୍ଥାପିତ କରାଯିବ। ମନ୍ଦିର ଉନ୍ନୟନ କାମ ଓ ବିକାଶ କାର୍ଯ୍ୟକୁ ଆମେ ସ୍ୱାଗତ କରୁଛୁ। ଘୁନଘୁଟିପଡା ସମ୍ପୂର୍ଣ୍ଣ ବିସ୍ଥାପିତ ହେବ ବୋଲି ସରକାର ସ୍ଥିର କରିଛନ୍ତି। ହେଲେ ନିୟମ ଅନୁସାରେ ସରକାର କ୍ଷତିପୂରଣ ପ୍ୟାକେଜ ଘୋଷଣା କରିନାହାନ୍ତି। ଏଥିରେ ପାତରଅନ୍ତର କରାଯାଇଛି। ଜାତିଗତ ଭେଦଭାବ ରଖି କ୍ଷତିପୂରଣ ଦେବା ନିଷ୍ପତ୍ତି କରାଯାଇଛି। ତେଣୁ ଏହାକୁ ପରିବର୍ତ୍ତନ କରାଯାଉ ବୋଲି ଦାବି କରିଥିଲେ। ଏହାସହ ମନ୍ଦିର ପୂଜକ ଓ ଅନ୍ୟମାନଙ୍କ ଭଳି କ୍ଷତିପୂରଣ ପ୍ରଦାନ, ପ୍ରାୟ ୧ କି.ମି. ପରିଧି ଭିତରେ ଥଇଥାନ ବ୍ୟବସ୍ଥା, ଭୂମିହୀନ ପରିବାରଙ୍କୁ ଜମି ପ୍ରଦାନ, ବିସ୍ଥାପିତଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସମଲେଶ୍ୱରୀ ଟ୍ରଷ୍ଟରେ ସାମିଲ କରିବାକୁ ଦାବି କରିଥିଲେ। ଏହାର ସମାଧାନ ନ ହେଲେ ବିରୋଧ କରାଯାଇ ଜାଗା ଛଡାଯିବ ନାହିଁ ବୋଲି ଦିଲୀପ କିଶାନ, ନବକିଶୋର ବାଗ, ରାମତନୁ ଦୀପ, ମୋହନ ଉର୍ମା, ମନ ମହାନନ୍ଦ, ସମାରୁ କୁମ୍ଭାର, ରାଜକୁମାର ଛଣ୍ଡି, ଡୁଗୁରୁ ବାଗ, ପ୍ରମୋଦ ମହାନନ୍ଦ, ସତ୍ୟ ଛତ୍ରି, ରାଜୁ ସୁନା, ବିଷ୍ଣୁ ଲୁହା, ମକରଧ୍ୱଜ କୁମ୍ଭାର ପ୍ରମୁଖ ଚେତାବନୀ ଦେଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୪ ଏପ୍ରିଲ, ୨୦୨୧

## କୋଭିଡ୍ ଟିକା ନେବାର ୧୦ଦିନ ପରେ ମୃତ୍ୟୁ

ବରଗଡ଼ ଅଫିସ୍: ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ମଙ୍ଗଳବାର ଜଣେ ମୃତକଙ୍କ ଶବଦାହ କରିଛନ୍ତି। ମୃତକ ଜଣକ ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ-୧୩ର ବେନୁ ଗୋପାଳ ରାଓ(୬୫) । ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ଜି. ରମେଶ, ନିଧାନ ଦନ୍ତ, ନିଲେଶ ପ୍ରଧାନ, ସନ୍ଦୀପ ସେଠ, ମୃତକଙ୍କ ପୁଅ ସଞ୍ଜିବ ରାଓ ପ୍ରମୁଖ ଶବଦାହ କାର୍ଯ୍ୟରେ ସାମିଲ ଥିଲେ। ମୃତକ ଜଣକ ଗତ ୩ତାରିଖ କୋଭିଡ୍ ଭେକ୍ସିନ ନେଇଥିଲେ । ଏହାପରେ ସେ ଅସୁସ୍ଥତା ଅନୁଭବ କରିଥିଲେ । ମାତ୍ର ସୋମବାର ରାତ୍ରିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଥିଲା। ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ନିଆଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନଥିଲା। ମଙ୍ଗଳବାର ଭୋର ସମୟରେ ନିଜ ଘରେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିବା ମୃତକଙ୍କ ପୁଅ ସଞ୍ଜିବ କହିଛନ୍ତି ।



## ସଂକ୍ଷେପରେ

### କରୋନାରେ ମୃତ୍ୟୁ ଅଭିଯୋଗ

**ଲାଠୋର, ୧୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ସାହାଜପାଣି ଗ୍ରାମର ଜଣେ ୫୦ବର୍ଷୀୟ ବ୍ୟକ୍ତିଙ୍କ ମଙ୍ଗଳବାର କରୋନାରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ୫ ଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା। ମଙ୍ଗଳବାର ସକାଳେ ପରିବାର ଲୋକ ତାଙ୍କୁ ଖରିଆରୋଡର ଏକ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୀ କୋଭିଡ ପରୀକ୍ଷା କରିବା ପରେ ରିପୋର୍ଟ ପଜିଟିଭ ଅସିଥିଲା। ଏହାପରେ ପରିବାର ଲୋକ ତାଙ୍କୁ ଘରକୁ ଫେରାଇ ଆଣିଥିଲେ। ପରେ ତାଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାହାଜପାଣି ଗ୍ରମର ଦୁଇଜଣ ବ୍ୟକ୍ତି ଆଗରୁ କରୋନାରେ ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ଅନ୍ୟ ଜଣଙ୍କ ମୃତ୍ୟୁ ଘଟିବା ପରେ ଆଖପାଖ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୂରଜ କୁମାର ଦୀପଙ୍କୁ ପଚାରିବାରୁ ମୃତକ କରୋନା ପଜିଟିଭ ଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମକୁ ସାନିଟାଇଜ କରିବା। ଖୁବଶୀଘ୍ର ଗ୍ରାମର ଅନ୍ୟମାନଙ୍କର କୋଭିଡ ପରୀକ୍ଷା କରିବାକୁ ଦାବି ହେଉଛି।

### ଟିଟିଲାଗଡ଼ ପୌରାଞ୍ଚଳ: ୨୫ କରୋନା ସଂକ୍ରମିତ

**ଟିଟିଲାଗଡ଼, ୧୩।୪(ଡି.ଏନ.ଏ.):** ଛତିଶଗଡ ରାଜ୍ୟ ସୀମାନ୍ତ ତଥା ବିଭିନ୍ନ ରାଜ୍ୟରୁ ଟିଟିଲାଗଡ ଜଙ୍କସନକୁ ଟ୍ରେନ ଚଳାଚଳ ନେଇ ସମ୍ପ୍ରତି କରୋନାର ଦ୍ୱିତୀୟ ଷ୍ଟ୍ରେନ ସହରବାସୀଙ୍କ ଭୟ ବଢ଼ାଇଛି। ନିରନ୍ତର ଭାବରେ ଟିଟିଲାଗଡ ସହରର ବିଭିନ୍ନ ୱାର୍ଡରେ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ମଙ୍ଗଳବାର ଏକା ସାଙ୍ଗରେ ୨୫ ଜଣ ସଂକ୍ରମିତ ଚିହ୍ନଟ ହେବା ସାଧାରଣରେ ହଇଚଇ ସୃଷ୍ଟି କରିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏନେଇ ବିଶେଷ ସତର୍କତା ପ୍ରକାଶ ପାଇଛି। ପୌରାଞ୍ଚଳରେ ପୌର କଲ୍ୟାଣ ମଣ୍ଡପ ଏବଂ ସର୍ଦ୍ଦାର ସ୍କୁଲକୁ ସଙ୍ଗରୋଧ କେନ୍ଦ୍ର ଭାବରେ ପ୍ରସ୍ତୁତି କରାଯାଇଛି। ସଂକ୍ରମିତଙ୍କ ପାଇଁ ମୋଟ ୪୭ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ପ୍ରଶାସନ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ପ୍ରସାର ସହ ସମସ୍ତ ହୋଟେଲ, ଫାଷ୍ଟଫୁଡ, ଚାପାନ ଦୋକାନରେ ଗ୍ରାହକ ନବସିବାକୁ ଚେତାବନୀ ଦିଆଯାଇଛି। ନିୟମ ଉଲ୍ଲଂଘନ ହେଲେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ସତର୍କ କରାଯାଇଛି। ପ୍ରଶାସନ ପକ୍ଷରୁ ମାସ୍କ ପରିଧାନ ତଥା ସାମାଜିକ ଦୂରତ୍ୱ ରକ୍ଷା ନିୟମ କଡାକଡି ପାଇଁ ଯାଞ୍ଚ ସହ ଜରିମାନା ଅସୁଲ କରାଯାଇଛି। ଗାଇଡଲାଇନ ଉଲ୍ଲଂଘନ ନେଇ ତହସିଲଦାର ପ୍ରେମଲାଲ ହିଆଲ ଅଚାନକ ଚଢଉ ସହ ବିଭିନ୍ନ ଦୋକାନକୁ ଜରିମାନା କରିଛନ୍ତି।

### ବିଜେଡି ବିରୋଧରେ ଛାତ୍ର କଂଗ୍ରେସର ପାଲଟା ଅଭିଯୋଗ

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ମାଡ ଘଟଣା**

**ବଲାଙ୍ଗୀର ଅଫିସ, ୧୩।୪:** ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରଙ୍କୁ କେତେକ ଛାତ୍ର ଓ ଅଣଛାତ୍ର ଅପହରଣ କରିନେଇ ନିସ୍ତୁକ ମାଡ ମାରୁଥିବା ଭିଡିଓ ଭାଇରାଲ ହେବା ପରେ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଟାଉନ୍ ଥାନା ପୋଲିସ ବିଶ୍ୱବିଦ୍ୟାଳୟର ୬ ଜଣ ଛାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ତେବେ ଅନ୍ୟ ୪ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କ ମଧ୍ୟରେ ଦୁଇଜଣ ଅଣଛାତ୍ର ଥିବା କୁହାଯାଉଛି। ଏହି ଘଟଣାକୁ ନେଇ ଗତ ୧୧ ତାରିଖ ଦିନ ଜିଲା ଯୁବ-ଛାତ୍ର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଛାତ୍ର ମାଡ ଘଟଣାରେ ଜିଲା ଛାତ୍ର କଂଗ୍ରେସର ସଦସ୍ୟ ରହିଥିବା ଅଭିଯୋଗ କରାଯାଇଥିଲା। ଏଥିରେ ଫେରାର ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା । ଏହି ଖବରଦାତା ସମ୍ମିଳନୀର ଜବାବ ରଖି ମଙ୍ଗଳବାର ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ଏକ ପ୍ରେସ୍‌ବିଜ୍ଞପ୍ତି ଜରିଆରେ ବିଜେଡି ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଛାତ୍ର ଆକ୍ରମଣ ଘଟଣାରେ ଛାତ୍ର କଂଗ୍ରେସର କୌଣସି ସଦସ୍ୟ ସାମିଲ ନଥିଲେ କହିବା ସହ ଏହି ମାଡ ଘଟଣାରେ ସମ୍ପୃକ୍ତ ଓ ଫେରାର ଥିବା ଅଭିଯୁକ୍ତ ଛାତ୍ର ବିଜେଡିର ବୋଲି ଅଭିଯୋଗ କରିଛନ୍ତି। ସେମାନଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନନେଲେ ଛାତ୍ର କଂଗ୍ରେସ ଜିଲାବ୍ୟାପୀ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

# ୫୫୦ ଗାଁରେ ନାହିଁ ପାଇପ ଜଳଯୋଗାଣ ବ୍ୟବସ୍ଥା

**ସୋନପୁର,୧୩।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଗଠନକୁ ୨୭ ବର୍ଷ ବିତିଯାଇଛି । ହେଲେ ଏବେ ବି ଗ୍ରାମାଞ୍ଚଳରେ ଉତ୍କଟ ପାନୀୟ ଜଳ ସମସ୍ୟା ରହିଛି । ଅନେକ ଗାଁରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନ ଥିବାରୁ ଲୋକେ ବନ୍ଧ, ପୋଖରୀ, ନାଳ ଓ କୁଆ ଉପରେ ନିର୍ଭର କରୁଛନ୍ତି । ଯାହାକି ଚିନ୍ତାର ବିଷୟ ହୋଇଛି । ଗ୍ରୀଷ୍ମ ଋତୁରେ ଭୂତଳ ଜଳ ସ୍ତର ହ୍ରାସ ପାଉଥିବାରୁ ଜିଲାର ତରଭା, ବୀରମହାରାଜପୁର ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଅଧିକ ରହିଥାଏ। ଜିଲାର ମୋଟ ୮୫୬ଟି ଗାଁରୁ ୫୫୦ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରି ନାହିଁ । ସେହିପରି ମୋଟ ୧ଲକ୍ଷ ୩୯ହଜାର ୭୮୬ ପରିବାର ମଧ୍ୟରୁ ମାତ୍ର ୧୫ ପ୍ରତିଶତଙ୍କ ଘରେ ପାଇପ ପାଣି ପହଞ୍ଚି ପାରିଛି । ଜିଲାରେ ୨୯୨ଟି ପାଇପ ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରୁ ଲୋ ଭୋଲଟେଜ୍ ସମସ୍ୟା ଓ ଭୂତଳ ଜଳସ୍ତର ହ୍ରାସ ଯୋଗୁ କେତେକ ପ୍ରକଳ୍ପ ଅଚଳ ହୋଇପଡିଛି। ଲୋକେ ପାଣି ପାଇବାରେ ହନ୍ତସନ୍ତ ହେଉଛନ୍ତି । ଶୁଷ୍କ ଅଞ୍ଚଳରେ ଧାନ ଚାଷ ପାଇଁ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଅଧିକ ଜଳ ଉତ୍ତୋଳନ ଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଉଥିବା ଅଭିଯୋଗ ହେଉଛି ।

ଦେଉଳପଦର, ମେଣ୍ଡା, ରମ୍ଭା ସିଣ୍ଡୋଲ, ରାଣୀସଡା, ଟର୍କଲା, ନାରାୟଣପୁର, ଉଲୁଣ୍ଡା,



ତରଭା ବ୍ଲକ ଦେଉଳପଦର ଗ୍ରାମର ମହିଳାମାନେ ପାଣି ନେଉଛନ୍ତି ।

**ଗ୍ରାମାଞ୍ଚଳରେ କେବେ ମିଳିବ ମୌଳିକ ସୁବିଧା**

ବୀରମହାରାଜପୁରରେ ପ୍ରକଳ୍ପ ଗୁଡିକ ଠିକ୍ ଭାବେ ଚାଲିପାରୁନାହିଁ। ଜିଲାରେ ୮ ହଜାର ୫୮୧ଟି ନଳକୂପ ରହିଛି। ମାତ୍ର ଅଧିକାଂଶ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ଗ୍ରାମାଞ୍ଚଳରେ ଜଳକଷ୍ଟ ଉତ୍କଟ ହେଉଛି। ୬୨ ପ୍ରତିଶତ ଗାଁକୁ ଏ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ହୋଇପାରି ନାହିଁ। ମହାନଦୀ, ତେଲନଦୀ, ଅଙ୍ଗନଦୀ, ସୁକତେଲ ସହିତ ଛୋଟବଡ ଯୋର ଓ ନାଳ ଜିଲା ଦେଇ ପ୍ରବାହିତ ହେଉଛି। ତେବେ ଏହି ନଦୀ ଏବଂ ନାଳରେ ଗ୍ରୀଷ୍ମ ଋତୁରେ ଜଳପ୍ରବାହ କମିଥାଏ । ପାନୀୟ ଜଳକଷ୍ଟ ପ୍ରତିବର୍ଷ ଦେଖା ଦେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ହୋଇପାରୁନି। ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଜିଲାର ତରଭା, ସୋନପୁର, ଉଲୁଣ୍ଡା, ବୀରମହାରାଜପୁର, ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ଗ୍ରାମଗୁଡିକରେ ପାନୀୟ ଜଳର ଅଭାବ ରହିଛି। ଏପରି ସ୍ଥଳେ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ମାଷ୍ଟର ପ୍ଲାନ ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ। ବର୍ଷର ୮ ମାସ ନଦୀ, ନାଳ, ବନ୍ଧ ପୋଖରୀ ଉପରେ ନିର୍ଭର କରି ଲୋକେ ଚଳି ଯାଉଛନ୍ତି। ଗ୍ରୀଷ୍ମ ଋତୁରେ ଲୋକେ ଜଳ କଷ୍ଟ ଭୋଗୁଛନ୍ତି। ଜିଲା ଗଠନ ପରେ ଏହି ଛୋଟ ଜିଲାକୁ କେବିବେ, ପଶ୍ଚିମ ଓଡିଶା ବିକାଶ ପରିଷଦ, ଆଇଏପି, ଜଳ ଜୀବନ ମିଶନ ଭଳି ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଶତାଧିକ କୋଟି ଟଙ୍କାର ଅନୁଦାନ ଆସିଛି। ଏହି ଯୋଜନାର ସଫଳ ରୂପାୟନ ହୋଇପାରିନି। ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଫେଲ ମାରିଛି । ଗ୍ରାମାଞ୍ଚଳର ୮୫ ପ୍ରତିଶତ ପରିବାରକୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ନ ହୋଇପାରିବା ଜିଲାର ପାନୀୟ ଜଳ କଷ୍ଟକୁ ସ୍ପଷ୍ଟ କରୁଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ବିଭୁପ୍ରସାଦ ପଣ୍ଡା କୁହନ୍ତି, ଗ୍ରାମାଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବାକୁ ଚେଷ୍ଟା ଜାରି ରହିଛି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ପାଇଁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଆସନ୍ତା ୨୦୨୪ ସୁଦ୍ଧା ସମସ୍ତ ପରିବାରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରହିଛି ବୋଲି ଇଂ ପଣ୍ଡା କହିଛନ୍ତି ।

# ସୋଲାର ପମ୍ପ, ଅମୃତଧାରା ପ୍ରକଳ୍ପ ଅଚଳ

**ଜୁନାଗଡ, ୧୩।୪ (ଡି.ଏନ.ଏ.)**

**ନକଟିଗୁଡ଼ା ପଞ୍ଚାୟତ**

- ପାନୀୟ ଜଳ ପ୍ରକଳ୍ପ ଫେଲ୍
- ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହିଁ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନକଟିଗୁଡା ପଞ୍ଚାୟତ ବଣ୍ଠାକୁଟ୍ରାରେ ପାନୀୟ ଜଳ ପ୍ରକଳ୍ପ ଫେଲ ମାରିଛି। ଗ୍ରାମର ଛକଠାରେ ନିର୍ମିତ ସୋଲାର ପମ୍ପ ପ୍ରକଳ୍ପ ଓ ଅମୃତ ଧାରା ପ୍ରକଳ୍ପ ମାସେ ହେଲା ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଚଳ ହୋଇପଡିଛି। ଫଳରେ ସ୍ଥାନୀୟ ଲୋକଙ୍କ ସହ ଯାତ୍ରୀମାନେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାସେ ହେବ ୨ଟି ପ୍ରକଳ୍ପ ଅଚଳ ହୋଇପଡିଥିଲେ ସୁଦ୍ଧା ବର୍ତ୍ତମାନ ଯାଏଁ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଜୁନାଗଡ ବ୍ଲକ ଅଞ୍ଚଳର ବଣ୍ଠାକୁଟ୍ରା ଏକ ଜନଗହଳିପୂର୍ଣ୍ଣ ଛକ। ଏହା ଚାରିଛକ ହୋଇଥିବା ଓ ଜାତୀୟ ରାଜପଥ କଡରେ ଥିବାରୁ ପ୍ରତ୍ୟହ ଅଞ୍ଚଳର ଅନେକ ଲୋକଙ୍କ ଜନସମାଗମ ହୋଇଥାଏ। ଏଠାରେ ଯାତ୍ରୀ ତଥା ସ୍ଥାନୀୟ ଲୋକଙ୍କ ପାନୀୟ ଜଳ ଆବଶ୍ୟକତା ମେଣ୍ଟାଇବା ପାଇଁ ଗତ ଦେଢବର୍ଷ ତଳେ ନକଟିଗୁଡା ପଞ୍ଚାୟତ ପକ୍ଷରୁ ସୋଲାର ପମ୍ପ ପ୍ରକଳ୍ପ ଓ ଅମୃତା ଧାରା ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ସହ ଯାତାୟାତ କରୁଥିବା ଯାତ୍ରୀମାନେ ପ୍ରକଳ୍ପରୁ ପାଣି ପିଇ ଶୋଷ ମେଣ୍ଟାଉଥିଲେ। ଏହାର ରକ୍ଷଣାବେକ୍ଷଣ ପଞ୍ଚାୟତ ହାତରେ ରହିଥିଲେ ମଧ୍ୟ ଏଥିପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ପ୍ରକଳ୍ପରେ ଲାଗିଥିବା ମୋଟର ଖରାପ ଯୋଗୁ ଏଭଳି ହୋଇଥିବା ନକଟିଗୁଡା ସରପଞ୍ଚଙ୍କ ପ୍ରତିନିଧି ପ୍ରଭାସ ମେହେର ପ୍ରକାଶ କରିଛନ୍ତି। ସମିତି ସଭ୍ୟ ବିକାଶ ରଞ୍ଜନ ସରାଫଙ୍କୁ ପଚାରିବାରୁ ସରପଞ୍ଚ ଓ ପିଇଓଙ୍କ ଅବହେଳାରୁ ଏପରି ହେଉଥିବା ପ୍ରକାଶ କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।





ବଣ୍ଠାକୁଟ୍ରା ଛକଠାରେ ଅଚଳ ପଡିଥିବା ସୋଲାର ପମ୍ପ ଓ ଅମୃତା ଧାରା ପ୍ରକଳ୍ପ।

# ସଂକିର୍ତ୍ତା ବିନ୍ଧ୍ୟବାସିନୀ ଯାତ୍ରା ବନ୍ଦ ରହିବ

**ପ୍ରଶାସନ ତରଫରୁ ୧୪୪ ଧାରା ଜାରି**

**ଅତାବିରା,୧୩।୪(ଡି.ଏନ.ଏ.)**

ରାଜ୍ୟର ବିଭିନ୍ନ ସ୍ଥାନରେ କରୋନା ସଂକ୍ରମଣ ବଢି ଚାଲିଛି । ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ବରଗଡ ଜିଲା ଭେଡେନ ବ୍ଲକ ସଂକିର୍ତ୍ତା ବିନ୍ଧ୍ୟବାସିନୀ ଯାତ୍ରା ବନ୍ଦ ରହିବ । ସଂକିର୍ତ୍ତା ବିନ୍ଧ୍ୟବାସିନୀ ଉତ୍ସବ ଅବସରରେ ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମା ଧୂମଧାମରେ ପାଳିତ ହୋଇଥାଏ। ଏହି ଦିନ ବିନ୍ଧ୍ୟବାସିନୀ ଦେବୀ ଅବସ୍ଥାନ କରିଥିବା ପାହାଡରେ ବହୁ ଜନ ସମାଗମ ହୋଇଥାଏ। କିନ୍ତୁ ଏବର୍ଷ କରୋନା ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ତରଫରୁ ବିନ୍ଧ୍ୟବାସିନୀ ଯାତ୍ରାରେ ୧୪୪ ଧାରା ଜାରି କରାଯାଇଛି। ମଙ୍ଗଳବାର ଦେବୀପୀଠରେ ଏକ ଜାରୁରୀ ବୈଠକ ବସିଥିଲା। ନୀତିକାନ୍ତିରେ କେବଳ ପୂଜାର୍ଚ୍ଚନା କରାଯିବ ବୋଲି ସ୍ଥିର ହୋଇଥିଲା । ଏହି ବୈଠକରେ ଭେଡେନ ଅତିରିକ୍ତ ତହସିଲଦାର ନାରାୟଣ ଡନସନା, ସତ୍ୟଜିତ୍ ପୁରୋହିତ, ଅକ୍ଷୟ ପୁରୋହିତ, ଅରବିନ୍ଦ ସୁଆର, ଝାଙ୍କର ଉଦ୍ଧବ ତରିଆ, ସାନନ୍ଦ ଡନସନା, ସଂକିର୍ତ୍ତା ସରପଞ୍ଚ ସୁଶାନ୍ତ ସାହୁ, ଭେଡେନ ଥାନା ଅଧିକାରୀ ହେମନ୍ତ ରାଓଙ୍କ ସମେତ ଅଞ୍ଚଳର ବରିଷ୍ଠ ନାଗରିକ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ଚୈତ୍ର ପୂର୍ଣ୍ଣିମାରେ ବିନ୍ଧ୍ୟବାସିନୀ ଯାତ୍ରା ବନ୍ଦ ରଖିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏ ବିଷୟରେ ଭେଡେନ ଅତିରିକ୍ତ ତହସିଲଦାର ଡନସନାଙ୍କୁ ପଚରାଯିବାରେ ସଂକିର୍ତ୍ତା ବିନ୍ଧ୍ୟବାସିନୀ ଯାତ୍ରା ବନ୍ଦ ରହିବ । ପ୍ରଶାସନ ତରଫରୁ ୧୪୪ ଧାରା ଲାଗୁ କରାଯାଇଛି।

# ହରଭଙ୍ଗା ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର, ଥାନାରେ ମାମଲା

**ହରଭଙ୍ଗା ଓକିଲ ସଂଘର ନିନ୍ଦା, କାର୍ଯ୍ୟାନୁଷ୍ଠାନ ଦାବି**

**ବୌଦ୍ଧ,୧୩।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଅତିରିକ୍ତ ତହସିଲଦାରଙ୍କୁ ଗାଳି ଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ନେଇ ପୁରୁଣାକଟକ ଥାନାରେ ଏକ ମାମଲା ରୁଜୁ ହୋଇଛି । ହରଭଙ୍ଗା ଓକିଲ ସଂଘ ପକ୍ଷରୁ ଏହାକୁ ନିନ୍ଦା କରାଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ମିଳିଥିବା ସୂଚନା ମୁତାବକ, ସୋମବାର ମଧ୍ୟାହ୍ନ ସମୟରେ ଅତିରିକ୍ତ ତହସିଲଦାର ହରିଓମ୍ ଭୋଇଙ୍କୁ ଦୁଇଜଣ ବ୍ୟକ୍ତି କୌଣସି କାମ ଯୋଗୁ ଫୋନ କରିଥିଲେ । କିନ୍ତୁ କୌଣସି କାରଣରୁ ଅତିରିକ୍ତ ତହସିଲଦାର ଫୋନ ଉଠାଇ ନ ଥିଲେ । ଏହାକୁ ନେଇ ଅତିରିକ୍ତ ତହସିଲଦାର ଘରେ ଥିବା ବେଳେ ସଂପୃକ୍ତ ବ୍ୟକ୍ତି ଦୁଇ ଜଣ କାହିଁକି ଫୋନ ଉଠାଇଲେନି କହି ଗାଳି କରିବା ସହ ଜାତିଆଣ ଆପେକ୍ଷ କରିଥିଲେ। ଏ ନେଇ ଅତିରିକ୍ତ ତହସିଲଦାର ଭୋଇ ପୁରୁଣାକଟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୁରୁଣାକଟକ ଥାନା ପକ୍ଷରୁ ନଂ ୩୮/୨୧ ରେ ଏକ ମାମଲା ରୁଜୁ ହୋଇଛି ।

# ନାରୀ ଶିକ୍ଷା ଉପରେ ଗୁରୁତ୍ୱ

**କନ୍ଧ ସମାଜ ବୁଡୁକା ପ୍ରଗଣାର ସାଙ୍ଗଠନିକ ବୈଠକ**



ସାଂଗଠନିକ ବୈଠକରେ ମଞ୍ଚାସୀନ ସମାଜର କର୍ମକର୍ତ୍ତା।

**ମୁରିବାହାଲ, ୧୩।୪ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଡଙ୍ଗରପଡା ପଞ୍ଚାୟତର କୋକଡୁଙ୍ଗୁରି ନିକଟରେ କନ୍ଧ ସମାଜ ବୁଡୁକା ପ୍ରଗଣାର ସାଂଗଠନିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମୁରିବାହାଲ, ତୁରେକେଲା ଓ ବଙ୍ଗୋମୁଣ୍ଡା ବ୍ଲକର ଉତ୍କଳ କନ୍ଧ ସମାଜ ବୁଡୁକା ପ୍ରଗଣାର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆବାହକ ତଥା ମୁଖ୍ୟ ଉପଦେଷ୍ଟା ସତ୍ୟନାରାୟଣ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା କନ୍ଧ ସମାଜ ଯୁବ ସଂଗଠକ ତଥା ଉପସଭାପତି ଧନେଶ୍ୱର ମାଝୀ ଯୋଗଦେଇ କନ୍ଧ ସମାଜର ଐତିହ୍ୟ, ପରମ୍ପରା, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଦୋଳଗୋବିନ୍ଦ ଭୋଇ, ଦୋଷୀମଣୀ ପ୍ରଧାନୀ, ମିନକେତନ ପାତ୍ର, ଧନୁର୍ଯ୍ୟୟ ମାଝୀ, ଲଳିତ ଯାନୀ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ବୁଡୁକା ପ୍ରଗଣାକୁ ଅଧିକ କ୍ରିୟାଶୀଳ କରିବା ଏବଂ ନାରୀ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତାଭାବେ ସଇଁତଲା ବ୍ଲକ ସମ୍ପାଦକ ଖୁସିରାମ ଜାନୀ ଯୋଗଦେଇ ବେନାମୀ ଜବରଦଖଲ ଜମି, ଜଙ୍ଗଲ ଜମି ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ପରେ ଆଗାମୀ ୩ ବର୍ଷ ସକାଶେ ବୁଡୁକା ପ୍ରଗଣାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ସତ୍ୟନାରାୟଣ ଭୋଇ, ଉପସଭାପତି ଉପେନ୍ଦ୍ର ଭୋଇ, କାର୍ଯ୍ୟକାରୀ ସଭାପତି ଲଳିତ ଜାନୀ, ସାଧାରଣ ସମ୍ପାଦକ ଉମ୍ବରୁଧର କୁଅଁର, କୋଷାଧ୍ୟକ୍ଷ ମୀନକେତନ ପାତ୍ର ଓ ସମାଜର ପତ୍ରବାହାକ ଭାବେ ପରମାନନ୍ଦ ଭୋଇଙ୍କୁ ଚୟନ କରାଯାଇଥିଲା। ସେହିପରି ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଆର୍ତ୍ତତ୍ରାଣ ଭୋଇ, ତୁରେକେଲା ବ୍ଲକ ସଭାପତି ତିଲଇ ଭୋଇ, ମୁରିବାହାଲ ବ୍ଲକ ସଭାପତି ଭାବେ ନିଳାଞ୍ଚଳ ଭୋଇଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁକମନି ମାଝୀ, କେଶରୀ ଭୋଇ, ଶିରୋଧ ଭୋଇ, ବେଣୁଧର ଭୋଇ, ଧରନୀଖୁଟା ଭୋଇ, ବ୍ରଜ ଭୋଇ ସହଯୋଗ କରିଥିଲେ। ସୁଶିଲ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପରମ୍ପରାଗତ କୃଷି ବିକାଶ ଯୋଜନାକୁ ଗୁରୁତ୍ୱ



ପରମ୍ପରାଗତ କୃଷି ବିକାଶ ଯୋଜନାରେ ଏକ ଗାଡ଼ିକୁ ଲୋକାର୍ପିତ କରାଯାଉଛି ।

**ବରଗଡ଼ ଅଫିସ୍,୧୩।୪**

ବରଗଡ଼ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପରମ୍ପରାଗତ କୃଷି ବିକାଶ ଯୋଜନା ସହାୟତାରେ ଗାଇସିଲେଟ ବ୍ଲକ ଅଧିନ ୩ଟି ଗ୍ରାମ ବରିହାପୋଖପାଣି, କମଳାପଦର, ସେମେଲମୁଣ୍ଡାର ୪ଟି କ୍ଲଷ୍ଟର ଦ୍ୱାରା ଗଠିତ ମାଁ ମଙ୍ଗଳା କୃଷକ ଉତ୍ପାଦକ କମ୍ପାନୀ ସହଭାଗିତାରେ ଜୈବିକ ଉତ୍ପାଦ ପରିବହନ ପାଇଁ ଏକ ଚାରିଚକିଆ ଯାନ ଜୈବିକ ଚାଷୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ଏହି ଅବସରରେ ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ, ଅତିରିକ୍ତ କୃଷି ଅଧିକାରୀ ରବି ନାରାୟଣ ସେନାପତି, ମାଁ ମଙ୍ଗଳା କୃଷକ ଉତ୍ପାଦକ କମ୍ପାନୀର ସମ୍ପାଦକ ହେମନ୍ତ କୁମାର ବାରିକ, ଅଭ୍ୟୁଦୟର ସମ୍ପାଦକ ହରେଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜୈବିକ ଉତ୍ପାଦ ପରିବହନ ନିମନ୍ତେ ପ୍ରତି କ୍ଲଷ୍ଟର ବାବଦକୁ ରହିଥିବା ୧ଲକ୍ଷ ୨୦ହଜାର ଟଙ୍କା ଏଭଳିଭାବେ ମୋଟ୍ ୪ଟି କ୍ଲଷ୍ଟର ପାଇଁ ୪ଲକ୍ଷ ୮୦ହଜାର ଟଙ୍କା ପରମ୍ପରାଗତ କୃଷି ବିକାଶ ଯୋଜନାରୁ ସହାୟତା ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ଗାନ୍ଧୀ କହିଥିଲେ। ଅବଶିଷ୍ଟ ୩ଲକ୍ଷ ୮୦ହଜାର ଟଙ୍କା ସେହି କ୍ଲଷ୍ଟର ଗୁଡ଼ିକର ଚାଷୀଙ୍କ ଦ୍ୱାରା ଗଠିତ ମାଁ ମଙ୍ଗଳା କୃଷକ ଉତ୍ପାଦକ କମ୍ପାନୀ ଦ୍ୱାରା ବହନ କରାଯାଇଥିଲା ବୋଲି ସେ କହିଥିଲେ। ୨୦୧୭-୧୮ ମସିହାରୁ ଆରମ୍ଭ ହୋଇଥିବା ୨୦ଟି କ୍ଲଷ୍ଟରର ଚାଷୀମାନଙ୍କୁ ସାର୍ଟିଫିକେଟ୍ ଦେବା ପ୍ରକ୍ରିୟା ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ଜୈବିକ ପ୍ରମାଣପତ୍ର ବଣ୍ଟନ ଲକ୍ଷ୍ୟ ରହିଥିବା ଗାନ୍ଧୀ ସୂଚନା ଦେଇଛନ୍ତି ।

# ବେଆଇନ ଇଟାଭାଟି ବଢ଼ି ଚାଲିଛି

**ବାଉଁଶୁଣୀ,୧୩।୪(ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ସର୍କଲରେ ବେଆଇନ ଇଟାଭାଟି ସଂଖ୍ୟା ଦିନକୁ ଦିନ ବଢି ଚାଲିଛି । ଫଳରେ ପରିବେଶ ପ୍ରଦୂଷଣ ହେବା ସହ ତାପମାତ୍ରା ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ବିଭାଗ ପକ୍ଷରୁ ଚଢାଉ କେବଳ ନାମକୁ ମାତ୍ର ହେଉଛି । ମଝିରେ ମଝିରେ ଗୋଟିଏ କିମ୍ବା ଦୁଇଟି ଇଟାଭାଟି ମାଲିକଙ୍କୁ ୫ରୁ ୧୦ ହଜାର ଟଙ୍କା ଜରିମାନା କରି ତହସିଲ ପ୍ରଶାସନ ନିଜେ ବାହାବା ନେବା ସାର ହୋଇଛି । ତହସିଲ ଅଞ୍ଚଳରେ ଚାଲିଥିବା ଶହ ଶହ ମାଟି ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କେବଳ ହରଭଙ୍ଗା ନୁହେଁ, ବୌଦ୍ଧ ଓ କଣ୍ଟାମାଳ ତହସିଲ ଅଞ୍ଚଳରେ ମଧ୍ୟ ବେଆଇନ ଇଟାଭାଟି ଖୁଲମଖୁଲା ଚାଲିଛି । ବୌଦ୍ଧ ତହସିଲ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ସର୍କଲରେ ଜଣେ ଜଣେ ଇଟା ବେପାରୀ ଗତ ଡିସେମ୍ବର ମାସରୁ ୫ରୁ ୧୦ ଗୋଟି ଲେଖାଏ ଇଟାଭାଟି ପୋଡି ସାରିଲେଣି। ରାଜସ୍ୱ ବିଭାଗର ଜାଣତରେ ଏସବୁ ବେଆଇନ ଭାବେ ଚାଲିଥିବା ଅଭିଯୋଗ



ବେଆଇନ ଭାବେ ଗଢି ଉଠିଥିବା ଇଟାଭାଟି ।

**ଚଢ଼ାଉ ଧର୍ମକୁ ଆଖିଠାର**

ହୋଇ ଆସୁଛି । ଇଟା ପୋଡିବା ପାଇଁ ବ୍ରଜରାଜନଗର ଓ ତାଳଚେର ଅଞ୍ଚଳରୁ ପ୍ରତିଦିନ ଟ୍ରକ ଟ୍ରକ କୋଇଲା ବାଉଁଶୁଣୀ ଅଞ୍ଚଳରେ ଖାଲି ହେଉଛି । ଏହା ଉପରେ ପ୍ରଶାସନର କୌଣସି ଲଗାମ ରହୁ ନ ଥିବା ଦେଖିବାକୁ ମିଳୁଛି। କେବଳ ଶିଳ୍ପ ଓ ରନ୍ଧନ କାର୍ଯ୍ୟ ଲାଗି କୋଇଲା ଯୋଗାଣର ନିୟମ ରହିଥିବା ବେଳେ ଜିଲାକୁ ଇଟାଭାଟି ପୋଡିବା ପାଇଁ କେମିତି କୋଇଲା ଆସୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ୫୭ ନମ୍ବର ଜାତୀୟ ରାଜପଥର ବାଉଁଶୁଣୀ ଠାରୁ ଆରମ୍ଭ କରି ସାହାଜପାଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଇଟାଭାଟି ରହିଥିଲେ ମଧ୍ୟ ପ୍ରଶାସନର ଦୃଷ୍ଟି ପଡୁନାହିଁ । ନିୟମିତ ବ୍ୟବଧାନରେ ଚଢାଉ ଜାରି ରଖିବାକୁ ଦାବି ହେଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୪ ଏପ୍ରିଲ, ୨୦୨୧



## ଜାଲ୍ ଓଟିଇଟି ସାର୍ଟିଫିକେଟ ମାମଲା: ୯ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ବୌଦ୍ଧ/ବାଉଁଶୁଣୀ,(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ଜାଲ ଓଟିଇଟି ସାର୍ଟିଫିକେଟ ଦେଇ ଧରାପଡିବା ପରେ ୪୦ ଜଣ ଶିକ୍ଷକଙ୍କୁ ଚାକିରି ହରାଇବାକୁ ପଡିଛି । ବର୍ତ୍ତମାନ ପୁଣି ଥରେ ୯ ଜଣ ଶିକ୍ଷକଙ୍କୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜାଲ ସାର୍ଟିଫିକେଟ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡିଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ସାର୍ଟିଫିକେଟ ଭେରିଫିକେସନ ପାଇଁ ପଠାଯାଇଥିବା ବେଳେ ଉକ୍ତ ୯ ଜଣ ଶିକ୍ଷକଙ୍କ ସାର୍ଟିଫିକେଟ ଜାଲ ଥିବା ଜଣାପଡିଥିଲା । ପରେ ଏହି ନୋଟିସ ଜାରି କରାଯାଇଥିବା ଜଣାପଡିଛି।

## ସଂକ୍ଷେପରେ

### କୋଭିଡ୍ ନିୟମ ଉଲ୍ଲଂଘନ କରି ଜରିମାନା ଦେଲେ

**ଲାଠୋର,୧୩।୪(ଡି.ଏନ.ଏ):** କୋଭିଡ ଗାଇଡ ଲାଇନ ଉଲ୍ଲଂଘନ କରିବା ଅଭିଯୋଗରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପ୍ରଶାସନ ଓ ଲାଠୋର ପୋଲିସ ୮ଟି ଦୋକାନ ଏବଂ ହୋଟେଲଠାରୁ ୭ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି। ବିଡିଓ ତରଣି ସୁନା, ତହସିଲଦାର ଧିରଜ କୁମାର ପାତ୍ର, ଲାଠୋର ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଏସଆଇ ପ୍ରଣୟ ମୁର୍ମୁ ଏବଂ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଉପସ୍ଥିତ ରହି ଯାଞ୍ଚ କରିଥିଲେ। ବଜାରରେ ଅଯଥାରେ ଭିଡ ନ ଜମାଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଅଗାମୀ ଦିନରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବ ବୋଲି ତହସିଲଦାର ପାତ୍ର କହିଛନ୍ତି।

### ଜାମକାନୀରେ ପାନୀୟ ଜଳ ସମସ୍ୟା, ବିଡିଓଙ୍କୁ ଦାବିପତ୍ର

**ମୁରିବାହାଲ, ୧୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଟୁପାଉଡାର ପଞ୍ଚାୟତ ଅଧୀନ ଜାମକାନୀ ପଲସାପଡାରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଏହି ସମସ୍ୟା ସମାଧାନ ଦାବିରେ ଗ୍ରାମବାସୀ ବିଡିଓ ପ୍ରିୟରଞ୍ଜନ କୁମ୍ଭାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଦୁଇୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ଥିବା ୫ଟି ନଳକୂପରୁ ୨ଟି ଅଚଳ। ଯେଉଁ ତିନିଟି ସଚଳ ଅଛି ସେଥିରୁ ଠିକ୍ ଭାବେ ପାଣି ବାହାରୁନାହିଁ। ପୋଖରୀ, ବନ୍ଧ ପ୍ରଭୃତି ଶୁଷ୍କପ୍ରାୟ ହୋଇ ପଡି ରହିଛି। ଏହି ସମୟରେ ଗ୍ରାମରେ ଥିବା ଜଳଯୋଗାଣ ପ୍ରକଳ୍ପ ଜଳକଷ୍ଟ ଦୂର କରିଥାନ୍ତା। ହେଲେ ଏହା ଗତ ୬ମାସ ହେଲା ଅଚଳ ହୋଇ ପଡି ରହିଛି। ତେଣୁ ଅବିଳମ୍ବେ ଜଳଯୋଗାଣ ପ୍ରକଳ୍ପକୁ ଚାଲୁ କରିବାକୁ ସେମାନେ ବିଡିଓଙ୍କୁ ଅନୁରୋଧ କରିଛନ୍ତି। ୱାର୍ଡସଭ୍ୟ ଗୋବର୍ଦ୍ଧନ ବାଗ, କ୍ଷୀରଧର ବାଗ, ଫଗନୁ ଷାଣ୍ଡ, ନକ୍ଷେତ୍ର ବାଗ, କୁମାରୀ ବାଗ, ହେମରାଜ ବନଛୋର, ହରିଶ୍ଚନ୍ଦ୍ର ପାଣ୍ଡେ, ଲତା ବନଛୋର, ନୀଳମଣୀ ବାଗ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ୪ଦିନ ହେଲା ଟିକାକରଣ ବନ୍ଦ

**ଲୋଇସିଂହା,୧୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୪ ଦିନହେଲା ଟିକାକରଣ ବନ୍ଦ ରହିଛି। ଗତ ଶୁକ୍ରବାର ଶେଷଥର ପାଇଁ ଟିକାକରଣ କରାଯାଇଥିଲା। ଟିକା ଅଭାବରୁ ଏପରି ସମସ୍ୟା ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ। ସୂଚନା ମୁତାବକ ଅଞ୍ଚଳର ୩୪୩୨ ଜଣଙ୍କୁ ଟିକାକରଣ କରାଗଲାଣି। ସେମାନଙ୍କ ମଧ୍ୟରୁ ସ୍ୱାସ୍ଥ୍ୟ କର୍ମଚାରୀ ୬୧୩, ଫ୍ରଣ୍ଟଲାଇନ ୱାର୍କର ୮୦, ୪୫ରୁ ୫୪ବର୍ଷ ମଧ୍ୟରେ ୯୬୪, ଷାଠିଏ ବର୍ଷରୁ ଅଧିକ ବୟସ୍କ ୧୧୧୩ଜଣ ରହିଛନ୍ତି। ସୂଚନାଯୋଗ୍ୟ ଯେ, ବ୍ଲକରେ ଗତ ସପ୍ତାହକ ମଧ୍ୟରେ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

### ୪୮ ଘଣ୍ଟା ଭାଲିଆମୁଣ୍ଡା ୟୁଜିବି ବନ୍ଦ

**ଲୋଇସିଂହା,୧୩।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଉତ୍କଳ ଗ୍ରାମ୍ୟବ୍ୟାଙ୍କ(ୟୁଜିବି) ଶାଖାର ଜଣେ ଉଚ୍ଚ କର୍ମଚାରୀ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପରେ ବ୍ୟାଙ୍କକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଗ୍ରାହକଙ୍କୁ ବ୍ୟାଙ୍କ ଶାଖାକୁ ନ ଆସିବାକୁ ନୋଟିସ୍ ଦିଆଯାଇଛି । ବ୍ୟାଙ୍କ ଭାଲିଆମୁଣ୍ଡା ବଳଦେବପୁର ବସ୍ତିରେ ରହିଛି। ବସ୍ତିର ବହୁ ଲୋକେ ବ୍ୟାଙ୍କକୁ ଆସୁଥିବାରୁ ବସ୍ତିବାସୀଙ୍କ ଭୟଭୀତ ହୋଇ ପଡିଛନ୍ତି। ବ୍ୟାଙ୍କ ଓ ବସ୍ତିକୁ ସାନିଟାଇଜ କରିବାକୁ ଦାବି ହେଉଛି।

### ପ୍ରେମିକାକୁ ପ୍ରତାରଣା କରି ପ୍ରେମିକ ଫେରାର

**ଦେଓଗାଁ,୧୩।୪ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହା ହରିଜନ ପଡାରେ ଜନୈକା ଯୁବତୀଙ୍କୁ ପ୍ରତାରଣା କରି ପ୍ରେମିକ ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ ଜରାସିଂହା ହରିଜନ ପଡାର ଅଭୟ ନାଗଙ୍କ ଉକ୍ତ ପଡାର ଜନୈକା ଯୁବତୀଙ୍କ ସହ ସମ୍ପର୍କ ଥିଲା। ଏଥିରେ ଯୁବତୀ ଜଣକ ଅନ୍ତଃସତ୍ତ୍ୱା ହୋଇଥିଲେ। ଏହା ଜଣାପଡିବା ପରେ ଯୁବତୀ ଜଣକ ଅଭୟଙ୍କୁ ବିବାହ କରିବା ପାଇଁ ଜୋର ଦେଇଥିଲେ। ହେଲେ ଯୁବକ ଜଣକ ଫେରାର ହୋଇଯିବାରୁ ପୀଡିତାଙ୍କ ପରିବାର ଲୋକେ ମଙ୍ଗଳବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ସୀମାନ୍ତରୁ ବଢୁଛି ସଂକ୍ରମଣ ଚିନ୍ତା

**ବରଗଡ଼ ଅଫିସ୍/ଅମ୍ବାଭୋନା,୧୩।୪**

ବରଗଡ଼ ଜିଲାରେ କରୋନା ସଂକ୍ରମଣ ଅସମ୍ଭାଳ ହେବାରେ ଲାଗିଛି। ମଙ୍ଗଳବାର ଜିଲାରେ ୮୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧ହଜାର ୫୩୦ରେ ପହଞ୍ଚିଛି। ସେଥିମଧ୍ୟରୁ ୪୨ଜଣଙ୍କ ମୃତ୍ୟୁହୋଇ ଥିବାବେଳେ ୧୦ହଜାର ୯୫୫ଜଣ ଆରୋଗ୍ୟ ଲାଭ କରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗତପ୍ରାୟ ସପ୍ତାହେ ହେଲା ଜିଲାରେ ସଂକ୍ରମଣ ହାର ଗତବର୍ଷ ତୁଳନାରେ ଦ୍ରୁତବେଗରେ ବୃଦ୍ଧି ପାଉଛି। ସୀମାନ୍ତ ଛତିଶଗଡ଼ ରାଜ୍ୟରେ କରୋନା ସଂକ୍ରମଣ ଅଣାୟତ୍ତ ହୋଇ ପଡ଼ିବା ପରେ ବରଗଡ଼ ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ସଂକ୍ରମଣ ଜିଲାସାରା ବ୍ୟାପିଛି। ଛତିଶଗଡ଼ ସଂସ୍ପର୍ଶରେ ଆସିଥିବା ଅମ୍ବାଭୋନା ବ୍ଲକ ରୁଚିଦା ପଞ୍ଚାୟତ ଅଧିନ ବିଲେଇଗଡ଼ି ଗ୍ରାମର ୧୪ଜଣଙ୍କ ଆଣ୍ଟିଜେନ ପରୀକ୍ଷା ପରେ ୯ଜଣ ସଂକ୍ରମିତ ଚିହ୍ନଟ ହୋଥିଲେ। ସେମାନଙ୍କୁ ସଙ୍ଗରୋଧରେ ରଖାଯାଇଛି। ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ରାୟପୁର ଫେରନ୍ତା ବୋଲି ସୂଚନା ମିଳିଛି। ତେବେ ସୀମାନ୍ତରେ ସଂକ୍ରମଣ ବୃଦ୍ଧି ଏବେ ଜିଲାବାସୀଙ୍କ ପାଇଁ ଚିନ୍ତା ପାଲଟିଛି।


ସୀମାନ୍ତ ରୁଚିଦାରେ ସ୍ୱାସ୍ଥ୍ୟକର୍ମୀମାନେ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରୁଛନ୍ତି।

ଜିଲାର ଅମ୍ବାଭୋନା, ସୋହେଲା, ଝାରବନ୍ଧ ବ୍ଲକର ଅନେକ ଗ୍ରାମ ଛତିଶଗଡ଼ ସୀମାନ୍ତରେ ରହିଛି। ଛତିଶଗଡ଼ରେ ସଂକ୍ରମଣ ବଢ଼ିବା ପରେ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୀମାନ୍ତ ରାସ୍ତାଗୁଡ଼ିକ ଉପରେ ନଜର ରଖି ଯାଞ୍ଚ କରୁଥିଲେ ସୁଦ୍ଧା ତାହା ପର୍ଯ୍ୟାପ୍ତ ଭଳି ଅନୁଭୂତ ହେଉନାହିଁ। ସୀମାନ୍ତ ଗ୍ରାମର ଲୋକେ ମୁଖ୍ୟତଃ ବିଭିନ୍ନ ଛୋଟବଡ଼ ବ୍ୟବସାୟିକ କାମ ନେଇ ଛତିଶଗଡ଼ର ରାୟଗଡ଼, ସାରଙ୍ଗଗଡ଼, ବରମକେଲା, ସରିଆ, ପୁଷୋର, ସରେଇପାଲି ଆଦି ବ୍ୟବସାୟିକ ପେଣ୍ଠସ୍ଥଳୀ ଉପରେ ନିର୍ଭର କରିଥାନ୍ତି। କରୋନା ସଂକ୍ରମଣକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଛତିଶଗଡ଼କୁ ବର୍ତ୍ତମାନ ବସ୍ ଚଳାଚଳ ବନ୍ଦ ଥିବାବେଳେ ସୀମାନ୍ତକୁ ମଧ୍ୟ ପୋଲିସ ଜଗି ରହିଛି। ମାତ୍ର ଲୋକେ ଅନ୍ୟ ବାଇପାସ୍ ରାସ୍ତା ଦେଇ ଛତିଶଗଡ଼କୁ ଯାତାୟାତ କରୁଥିବା ଏବଂ ଏଥିପାଇଁ ସୀମାନ୍ତରେ

**ଲୋକେ ମାନୁ ନାହାନ୍ତି କରୋନା କଟକଣା**

ସଂକ୍ରମଣ ଆଶଙ୍କା ଅଧିକ ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ଅମ୍ବାଭୋନା ବ୍ଲକର ସୀମାନ୍ତ ରୁଚିଦାରେ ଯାଞ୍ଚ କଡ଼ାକଡ଼ି ଚାଲିଛି। ଏହି ବ୍ଲକର ବଡ଼ଧରା, ଗଣ୍ଡିଆପାଲି ରାସ୍ତା ମୁକୁଳା ପଡ଼ିଛି ଏବଂ ସେହି ରାସ୍ତାଦେଇ ଲୋକେ ଛତିଶଗଡ଼କୁ ଯିବା, ଆସିବା କରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଅମ୍ବାଭୋନା ତହସିଲଦାର ସୀତାରାମ ଭୋଇଙ୍କ ପଚାରିବାରୁ ସେ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କେବଳ ଅମ୍ବାଭୋନା ନୁହେଁ ଅନୁରୂପଭାବେ ସୋହେଲା, ଝାରବନ୍ଧ ବ୍ଲକରେ ଲୋକେ ଛତିଶଗଡ଼କୁ ଯାତାୟାତ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ସୀମାନ୍ତ ଅଞ୍ଚଳ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆ ନଗଲେ ବରଗଡ଼ ଜିଲାରେ ସଂକ୍ରମଣକୁ ପ୍ରତିହତ କରିବା କାଠିକର ପାଠ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ମହୁଲ ଗୋଟାଇ ଫେରିବା ପରେ ଟଳି ପଡ଼ିଲେ ବୃଦ୍ଧା

**ଲାଠୋର, ୧୩।୪ (ଡି.ଏନ.ଏ.)**

ଜଙ୍ଗଲରୁ ମହୁଲ ଗୋଟାଇ ଘରକୁ ଫେରିବାର କିଛି ସମୟ ପରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମସିଣା ଗ୍ରାମର ଜଣେ ବୃଦ୍ଧା ଟଳି ପଡିଛନ୍ତି। ମୃତା ଜଣକ ହେଲେ ଗାଁର ବିମଳା ବାଗ (୫୭)। ଗତ ରବିବାର ଏହି ଦୁଃଖଦ ଘଟଣା ଘଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୃତ୍ୟୁର ତିନିଦିନ ପୂର୍ବରୁ ସେ ପ୍ରଥମ ଡୋଜ କରୋନା ଟିକା ନେଇଥିଲେ। ଟିକା ନେବା ପରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ହେଲେ ପେଟ ପାଇଁ ସେ ଟିକା ନେବା ପରଦିନଠାରୁ ଗାଁ ନିକଟ ଜଙ୍ଗଲକୁ ମହୁଲ ଗୋଟାଇବାକୁ ଯାଉଥିଲେ। ଟିକା ନେବା ଜନିତ ଅସୁସ୍ଥତାରୁ ବିମଳାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକଙ୍କ ସହ ଗାଁର ରାଜକିଶୋର ଭୋଇ, ରୁଦ୍ରମଣି ଭୋଇ, ଟଙ୍କ ନାଗ, ଗୌରିଶଙ୍କର ବାରିକ, ମଙ୍ଗଳ ତାଣ୍ଡି, ଟିମନ ଭୋଇ, ସୁଦର୍ଶନ ନାଗ, ପଟ୍ଟନାୟକ ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବାନୁସାରେ ମୁକୁନ୍ଦ ବାଗଙ୍କ ସ୍ତ୍ରୀ ବିମଳା ଏପ୍ରିଲ ୮ ତାରିଖ ଦିନ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରଠାରେ କରୋନା

**ମୃତ୍ୟୁର ତିନିଦିନ ପୂର୍ବରୁ ନେଇଥିଲେ ପ୍ରଥମ ଡୋଜ ଟିକା**

ଟିକା ନେଇଥିଲେ। ଟିକା ନେବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ ହେଁ ନିଜର ଦୈନନ୍ଦିନ କାର୍ଯ୍ୟ ତୁଲାଉଥିଲେ। ରବିବାର ଅପରାହ୍ନରେ ସେ ଘରେ କାମ କରୁଥିବା ବେଳେ ହଠାତ ଅଚେତ ହୋଇଯାଇଥିଲେ। କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗ୍ରାମର ଶଙ୍କର ଭୋଇଏବଂ ଶାନ୍ତି ବାରିକ ଟିକା ନେବା ପରେ ଅସୁସ୍ଥତା ଅନୁଭବ କରୁଥିବା କହିଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁରଜ କୁମାର ଦୀପଙ୍କୁ ପଚାରିବାରୁ କହିଛନ୍ତି ଯେ, ସମ୍ପୃକ୍ତ ମହିଳା ଜଣକ କରୋନା ଟିକା ନେବା ପରଠାରୁ ନିୟମିତଭାବେ ଜଙ୍ଗଲକୁ ମହୁଲ ସଂଗ୍ରହ କରିବାକୁ ଯାଉଥିଲେ। ତେଣୁ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହେଉନାହିଁ। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ମୃତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆରମ୍ଭ ହେଲା ବିଭାଗୀୟ ତଦନ୍ତ

**ଦେଓଗାଁ,୧୩।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ କୃଷିସେବା ସମବାୟ ସମିତିରେ ଗତ ୨୦୧୯-୨୦ ରବିଋତୁରେ ଜଳସେଚନ ସୁବିଧା ନ ଥିବା ଜମିରେ ଧାନଚାଷ ଦର୍ଶାଇ ଅନେକ ଚାଷୀଙ୍କ ନାମରେ ଧାନବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ଅନିୟମିତତା ହୋଇଥିବା ପ୍ରମାଣ ସହ ପୂର୍ବତନ ପ୍ୟାକ୍ସ ସଭାପତି ଶୈଳେଶ କୁମାର ସାହୁ ବିଭାଗୀୟ ଅଧିକାରୀ, ଜିଲାପାଳ, ଏଆରସିଏସ, ଡିଆରସିଏସ, ସିଏସଓଙ୍କୁ ଲିଖିତ ଅବଗତ କରିଥିଲେ। ମଙ୍ଗଳବାର ଏହାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ବିଭାଗୀୟ ସହକାରୀ ଉପ ସହନିବନ୍ଧକ ସମବାୟ ସମିତି ସମୂହ ରବିନ୍ଦ୍ର କୁମାର ପଣ୍ଡା ଦେଓଗାଁ ପ୍ୟାକ୍ସକୁ ଆସି ଧାନବିକ୍ରି ଅନିୟମିତତାର ବିଭାଗୀୟ ତଦନ୍ତ କରିଥିଲେ। ରତନପୁର ଗାଁର ଚାଷୀ ଅଭି ଭଣ୍ଡା, ଚନ୍ଦ୍ର ଭଣ୍ଡା, ନେହେରୁ କୁମୁରା, ହଜାରୁ ରାଉତ ତଥା ଘୁଟିପାଲିର ମଣି ଧରୁଆଙ୍କ ଜମିରେ ରବିଧାନ ଚାଷ ହୋଇଥିବା ଦର୍ଶାଇ କେମିତି ଧାନକ୍ରୟ ହୋଇଛି ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ହୋଇଥିଲା। ତେବେ ଏହିଦିନ ଚାଷୀ ମଣି ଧରୁଆ, ନେହେରୁ କୁମୁରା ଓ ଚନ୍ଦ୍ର ଭଣ୍ଡା ପ୍ରମୁଖ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ଧାନ ଚାଷ କରି ନ ଥିବା ଓ ରବିଋତୁରେ ଧାନ ବିକ୍ରି କରି ନ ଥିବା ଲିଖିତଭାବେ ଅବଗତ କରିଥିଲେ। ତେବେ ରବିଋତୁରେ ଧାନ ବିକ୍ରି କରିଥିବା ଚାଷୀ ଅଭି ଭଣ୍ଡା ଓ ହଜାରୁ ରାଉତ ପ୍ୟାକ୍ସକୁ ଆସି ନ ଥିବାରୁ ତଦନ୍ତ ଠିକଭାବେ ହୋଇପାରି ନ ଥିଲା । ଅନ୍ୟ ଏକ ଦିନରେ ଉକ୍ତ ଚାଷୀଦ୍ୱୟଙ୍କୁ ଡକାଇ ସମ୍ପୃକ୍ତ ଆରଆଇଙ୍କ ଉପସ୍ଥିତିରେ ଚାଷ ଜମିର ସ୍ଥିତିକୁ ଅନୁଧ୍ୟାନ କଲାପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସଏଆରସିଏସ ପଣ୍ଡା ସୂଚନା ଦେଇଛନ୍ତି। ତଦନ୍ତ ସମୟରେ ଅଭିଯୋଗକାରୀ ପୂର୍ବତନ ପ୍ୟାକ୍ସ ସଭାପତି ଶୈଳେଶ କୁମାର ସାହୁଙ୍କ ସମେତ ସମ୍ପାଦକ ରଘୁମଣି ବାରିକ, ଡିଇଓ ଶ୍ରୀକାନ୍ତ ସାହୁ ତଥା ଚାଷୀବୃନ୍ଦ ଉପସ୍ଥିତ ଥିଲେ।


ଅଧିକାରୀମାନେ ଦେଓଗାଁ ପ୍ୟାକ୍ସରେ ରବି ଧାନକ୍ରୟ ଅନିୟମିତତାର ତଦନ୍ତ କରୁଛନ୍ତି।

- ଦେଓଗାଁ ପ୍ୟାକ୍ସ: ଧାନକ୍ରୟରେ ଅନିୟମିତତା ଅଭିଯୋଗ
- ଧାନବିକ୍ରି କରିଥିବା ଚାଷୀ ଉପସ୍ଥିତ ନ ହେବାରୁ ତଦନ୍ତରେ ବ୍ୟାଘାତ

## ନୂତନ ପେନ୍‌ସନ୍ ଭୁକ୍ତ ପ୍ରାଥମିକ ଶିକ୍ଷକଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା

**ଅମରପାଲି,୧୩।୪(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକରେ ନୂତନ ପେନସନ୍‌ଭୁକ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଉକ୍ତ ସଭାରେ ୨୦୧୪ରେ ଯୋଗଦେଇ ଗତ ମାସରେ ନିୟମିତ ହୋଇଥିବା ୪୭ଜଣଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଇଓ ଶାନ୍ତନୁ କୁମ୍ଭକାର ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାରଣା ଡୁଙ୍ଗଡୁଙ୍ଗ, ଲକ୍ଷ୍ମଣ କୁମାର ରଥ, ଚମ୍ପେଶ୍ୱର ଦାସ ଓ ମିଳିତ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ମିଶ୍ର ମଞ୍ଚାସୀନ ଥିଲେ। ସଂଘ ସଭାପତି ଶ୍ରୀନିବାସ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ସଂଘ ଉପଦେଷ୍ଟା ଅକ୍ଷୟ କୁମାର ରାୟ ପରିଚାଳନା କରିଥିଲେ। ଉପସଭାପତି ପ୍ରାଣବନ୍ଧୁ ସାହୁ, ବରିଷ୍ଠ ଶିକ୍ଷକ ମେଘନାଦ ଭୋଇ, ନାରାୟଣ ଜଗଦଲା, ପଦ୍ମନାଭ ମିଶ୍ର, ରାଜ କୁମାର ବାଦୀ, ଭାବଗ୍ରାହୀ ମେହେର, ଅଶ୍ୱିନୀ ପଧାନ, ସୁଶିଲ ପୁରୋହିତ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ଅଭିମନ୍ୟୁ ବଗର୍ତ୍ତି ବିବରଣୀ ପ୍ରଦାନ କରିଥିଲେ । ପଦ୍ମନାଭ ବାରିକ ଧନ୍ୟବାଦ ଦେଇଥିଲେ ।

## ଜିଲାସ୍ତରୀୟ ଗୋ-ପାଳନ ଦକ୍ଷତା ବୃଦ୍ଧି ତାଲିମ ଶିବିର


ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଚାଷୀ ।

**ଅମରପାଲି,୧୩।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ଆତ୍ମା କାର୍ଯ୍ୟାଳୟଠାରେ ତିନିଦିନିଆ ଜିଲାସ୍ତରୀୟ ଗୋ-ପାଳନ ଦକ୍ଷତା ବୃଦ୍ଧି ତାଲିମ ଶିବିର ମଙ୍ଗଳବାର ଆରମ୍ଭ ହୋଇଛି। ସୁବଳୟା ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡା. ସୁବ୍ରତ ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଛି। ଏଥିରେ ଡା. ଅଶେଷ କୁମାର କର ଯୋଗଦେଇ ଗୋ- ପାଳନରେ ଖାଦ୍ୟର ପରିଚାଳନା, ଖର୍ଚ୍ଚ ଓ ଆଦାୟ ଉପରେ ତାଲିମ ପ୍ରଦାନ କରିଥିଲେ। ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡା. ଅଜୟ କୁମାର ସାହୁ ଗାଈ କିଣିବା ସମୟରେ ଚୟନ ଉପରେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ୨୦ରୁ ଅଧିକ ଗୋ-ପାଳକ ଯୋଗ ଦେଇଥିଲେ।

## ସିଦ୍ଧାର୍ଥ ଡିଗ୍ରୀ କଲେଜରେ ରକ୍ତଦାନ ଶିବିର


ଡିଗ୍ରୀ କଲେଜର ସମସ୍ତ ସଦସ୍ୟ।

**ବିନିକା,୧୩।୪(ଡି.ଏନ୍.ଏ.)**

ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଯୁବ ରେଡକ୍ରସ ଏବଂ ଜାତୀୟ ସେବା ଯୋଜନା ମିଳିତ ଆନକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଶିବିର ଉଦ୍‌ଘାଟନ କରିଥିଲେ । କଲେଜ ଅଧକ୍ଷ ଧୀରେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଯୁବ ରେଡକ୍ରସ ପରିଷଦ ମୁଖ୍ୟ ଅଧାପକ ବିଶ୍ୱନାଥ ମିଶ୍ର, ବିଘ୍ନେଶ୍ୱର ପୂଜାରୀ, ଏନ୍‌ଏନ୍‌ଏସ୍ ପ୍ରୋଗ୍ରାମ ଅଫିସର ହରିଶ୍ଚନ୍ଦ୍ର ହୋତା, ମିତାଳି ପଧାନ ଶିବର ପରିଚାଳନା କରିଥିଲେ । ଭିମସାର ରକ୍ତ ଭଣ୍ଡାରର ଡ. ବିଜୟ କେତନ ଦାଶ, ରବି ନାରାୟଣ ରାଉତ, ମଣ୍ଟୁ ପଧାନ, ପାଇନୁ ଭୋଇ ଏବଂ ସୁଶାନ୍ତ କୁମ୍ଭାର ରକ୍ତ ସଂଗ୍ରହ କରିଥିଲେ । ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷା ରେଖା ପଧାନ ଉପସ୍ଥିତ ଥିଲେ । ମୋଟ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

# ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତି ଜିଲା କମିଟି ଗଠନ

**ବଲାଙ୍ଗୀର ଅଫିସ, ୧୩।୪**

ବଲାଙ୍ଗୀର ପ୍ୟାଲେସ ଲାଇନ ଜଳଯୋଗାଣ କାର୍ଯ୍ୟାଳୟ ନିକଟରେ ଓଡିଶା କର୍ମଚାରୀ ସଂଗ୍ରାମ ସମିତି ଓ ଜଳଯୋଗାଣ ଯାନ୍ତ୍ରିକ କର୍ମଚାରୀ ସଂଘ ମିଳିତ ଆନୁକୂଲ୍ୟରେ ମିଳିତ ସାଧାରଣ ସଭା ସମିତି ରାଜ୍ୟ ଉପାଧକ୍ଷ ସଦାଶିବ ବିଶୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। କର୍ମଚାରୀ ସଂଗ୍ରାମ ସମିତି ରାଜ୍ୟ ପ୍ରତିନିଧିଭାବେ ଶୁଭେନ୍ଦୁ କୁମାର ରାଉତରାୟ, ହିମାଂଶୁ ଶେଖର ସୁବୁଦ୍ଧି, ହୃଷିକେଶ ମହାପାତ୍ର, ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗ ଦେଇଥିଲେ । ସତ୍ୟନାରାୟଣ ବଗର୍ତ୍ତୀ, ଅନନ୍ତ ଚରଣ ଦାସ, ପ୍ରସନ୍ନ ଜାଲ, ବ୍ୟାସଦେବ ସାହୁ, ମୁକୁନ୍ଦ ସାହୁ, ମନୋଜ ସାହୁ, ନାରାୟଣ ନାଗ ଓ ସୁକଦେବ ସାହୁ ଯୋଗଦେଇ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜଳଯୋଗାଣ ଯାନ୍ତ୍ରିକ କର୍ମଚାରୀ ସଂଘ ଜୋନ୍ ସମ୍ପାଦକଭାବେ ବ୍ୟାସଦେବ ସାହୁଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ଓଡିଶା କର୍ମଚାରୀ ସଂଗ୍ରାମ ସମିତି ଜିଲା କମିଟିକୁ ପୁନଃଗଠନ କରି ସଭାପତି ଭାବେ ଗୋପାଳ ବାଗ, ଉପସଭାପତି ସୁଶୀଳ ସେଠ୍ ଓ ଦୁର୍ଗା ସାହୁ, ସାଧାରଣ ସମ୍ପାଦକ ବନମାଳୀ ମିଶ୍ର, ସମ୍ପାଦକ ଓ ସଙ୍ଗଠକଭାବେ ପ୍ରଦୀପ ଷଡ଼ଙ୍ଗୀ ଓ ଆୟୁବ ଖାଁ ନିର୍ବାଚିତ ହୋଇଥିଲେ । ଯାନ୍ତ୍ରିକ ସଂଘର ବଲାଙ୍ଗୀର ଖଣ୍ଡର ସମ୍ପାଦକ ବ୍ୟାସଦେବ ସାହୁ, ସହସମ୍ପାଦକ ବଜିଲାଲ ଦେବତା ନିର୍ବାଚିତ ହୋଇଥିଲେ। ଶେଷରେ କର୍ମଚାରୀମାନଙ୍କ ସମସ୍ୟାଗୁଡିକୁ ସଂଗ୍ରାମ ସମିତି ଓ ଜିଲା କମିଟି ଜରିଆରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଆଗାମୀ ୧୫ଦିନ ମଧ୍ୟରେ ସଂଘ ତରଫରୁ କର୍ମଚାରୀଙ୍କ ସମସ୍ୟା ଉପରେ କୌଣସି ନିଷ୍ପତ୍ତି ନ ନେଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଏପ୍ରିଲ ଶେଷ ସୁଦ୍ଧା ଜିଲା କମିଟି ନିର୍ଣ୍ଣୟ କରିବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା।

## ବର୍ଷେ ପରେ ବି ପ୍ରଭାସିନୀଙ୍କୁ ମିଳିନି ବିଧବା ଭତ୍ତା

**କର୍ଲାମୁଣ୍ଡା, ୧୩।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଲେଟପଡା ଗ୍ରାମର ଟୁକୁ ସୁନା (୪୭) ବର୍ଷେ ତଳେ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଥିଲେ। ସ୍ୱାମୀ ମରିବାର ବର୍ଷେ ବିତିଥିଲେ ସୁଦ୍ଧା ବିଧବା ପ୍ରଭାସିନୀ ସୁନାଙ୍କୁ ବିଧବା ଭତ୍ତା ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ତିନି ପୁଅ ଆଶିଷ (୧୪), କଳିକେଶ (୮), ମଧୁ (୫) ଓ ଗୋଟିଏ ଝିଅ ଗୀତା (୧୨) ଚାରି ସନ୍ତାନକୁ ନେଇ ସେ ବହୁତ କଷ୍ଟରେ ଜୀବନ କାଟୁଥିବା ଗାଁ ଲୋକେ କହିଛନ୍ତି। ଏ ନେଇ କର୍ଲାମୁଣ୍ଡା ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରିଣୀ ସସ୍ମିତା ପଟେଲଙ୍କୁ ପଚାରିବାରୁ ପ୍ରଭାସିନୀଙ୍କ ଦରଖାସ୍ତ ମିଳିଛି, ତାଙ୍କୁ ଚଳିତ ମାସ ସୁଦ୍ଧା ବିଧବା ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।


ବିଧବା ପ୍ରଭାସିନୀ ସୁନାଙ୍କ ପରିବାର।

# ତାତିରୁ ମିଳୁନି ନିସ୍ତାର, ଜନଜୀବନ ଅସ୍ତବ୍ୟସ୍ତ

**ବରଗଡ଼ ଅଫିସ୍,୧୩।୪**

ବରଗଡ଼ ଜିଲାରେ ତାତି ଦିନକୁ ଦିନ ବଢ଼ି ଚାଲିଛି। ଜିଲାରେ ଏପର୍ଯ୍ୟନ୍ତ ତାପମାପକ ଯନ୍ତ୍ର କାର୍ଯ୍ୟକ୍ଷମ ହୋଇ ନ ଥିବା ଯୋଗୁ ତାପମାତ୍ରାର ସଠିକ୍ ଆକଳନ କରାଯାଇ ପାରୁନାହିଁ। ତଥାପି ଗତ କିଛିଦିନ ହେଲା ଦିନବେଳା ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି । ଏଥି ସହିତ ବିଦ୍ୟୁତ୍ ବିଭ୍ରାଟ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ପୂର୍ବାହ୍ନ ୧୦ଟା ନ ହେଉଣୁ ତାପମାତ୍ରା ବୃଦ୍ଧି ଅନୁଭୂତ ହେଉଛି। ୧୧ଟା ବେଳକୁ ରାସ୍ତାଘାଟ ଶୂନଶାନ ହୋଇ ପଡୁଛି। ଏବେଠାରୁ ତାପମାତ୍ରା ଏଭଳି ବଢ଼ି ଚାଲିଥିବା ଯୋଗୁ ଆଗକୁ ଆହୁରି ଅସହ୍ୟ ହେବ ବୋଲିଅନୁମାନ କରାଯାଉଛି।

ଅନ୍ୟବର୍ଷ ଭଳି ଏଥର ରାସ୍ତାର ଜନଗହଳି କିମ୍ବା ଛକ ସ୍ଥାନରେ ଜଳଛତ୍ର ଖୋଲାଯାଇନାହିଁ। ଫଳରେ ଲୋକଙ୍କୁ ପାଣି ଟିକିଏ ପାଇଁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ରାସ୍ତାପାର୍ଶ୍ୱରେ ମଧ୍ୟ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇନାହିଁ। ୨୦୧୯ ଏବଂ ୨୦୨୦ ମସିହାରେ ଜିଲାରେ ଅଂଶୁଘାତଜନିତ ମୃତ୍ୟୁ ହୋଇ ନ ଥିବା ସରକାରୀଭାବେ ସୂଚନା ମିଳିଛି। ଅପରପକ୍ଷେ ୨୦୧୮ ମସିହାରେ ୨, ୨୦୧୭ ମସିହାରେ ୩, ୨୦୧୬ ମସିହାରେ ୨ ଏବଂ ୨୦୧୫ରେ ଜିଲାରେ ଅଂଶୁଘାତରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ରେକର୍ଡ଼ରେ ରହିଛି। ମାତ୍ର ବେସରକାରୀଭାବେ ପ୍ରତିବର୍ଷରେ ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ହେଉଛି ଏବଂ ଆବଶ୍ୟକ ତଦନ୍ତ ଅଭାବରୁ ଏହା ସରକାରୀ ରେକର୍ଡକୁ ଆସି ପାରୁ ନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଜିଲାର ପ୍ରତ୍ୟେକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ କକ୍ଷ ଖୋଲାଯାଇଛି। ପର୍ଯ୍ୟାପ୍ତ ପରିମାଣରେ ଓଆରଏସ ଓ ଆବଶ୍ୟକ ଔଷଧ ଗଚ୍ଛିତ ରହିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ ପାତ୍ର କହିଛନ୍ତି ।


ତାତିବୃଦ୍ଧି ଯୋଗୁ ବରଗଡ଼ ସହର ମୁଖ୍ୟରାସ୍ତାରେ ମୁଣ୍ଡରେ ଓଢ଼ଣୀ ଘୋଡ଼ାଇ ୩ଯୁବତୀ ଯାଉଛନ୍ତି।

- ୪୦ଡିଗ୍ରୀରୁ ଅଧିକ ରହୁଛି ତାପମାତ୍ରା
- କାର୍ଯ୍ୟକ୍ଷମ ହୋଇନି ତାପମାପକ ଯନ୍ତ୍ର
- ଖୋଲିନି ଜଳଛତ୍ର, ଅଂଶୁଘାତ ଆଶଙ୍କା

## ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ

ଭବାନୀପାଟଣା,(ଡି.ଏନ.ଏ.): ଭବାନୀପାଟଣା ସଦର ରେଞ୍ଜ ଦୁଆରସୁନିଠାରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠଗଣ୍ଡି ଜବତ କରାଯାଇଛି। ନୃତ୍ୟରାଜ ମାଝିଙ୍କ ନେତୃତ୍ୱରେ ଦୁଆରସୁନି ଗ୍ରାମରେ ଚଢ଼ାଉ କରାଯାଇ ୩ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଶାଗୁଆନ କାଠଗଣ୍ଡି ଜବତ ହୋଇଥିଲା। ଶାଗୁଆନ କାଠଗଣ୍ଡି କିଏ କେଉଁଠୁ ଆଣି ରଖିଥିଲା ସେ ସମ୍ପର୍କରେ କୌଣସି ସୂଚନା ନ ଥିବା ବେଳେ ରେଞ୍ଜ ପକ୍ଷରୁ କାଠଗଣ୍ଡିଗୁଡ଼ିକୁ ଜବତ କରାଯାଇଛି। ଚଢ଼ାଉରେ ଭବାନୀପାଟଣା ରେଞ୍ଜର ସେକେଣ୍ଡ ଅଫିସର ପଦ୍ମନାଭ କୁମାର, ଟାଉନ ଫରେଷ୍ଟର ଡମ୍ବରୁଧର ପ୍ରଧାନ, ଭଟାଙ୍ଗପଦର ଫରେଷ୍ଟର ଲୋକନାଥ ପୋଢ, ସାନ୍ତପୁର ଫରେଷ୍ଟର ରତ୍ନାକର ଧରୁଆ, କର୍ଲାପଡା ଫରେଷ୍ଟର ଦିଆଲୁ ଗଉଡ ପ୍ରମୁଖ ସାମିଲ ହୋଇଥିଲେ।

# ସୀମାର ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି

ନୂଆପଡ଼ା ଅଫିସ,୧୩।୪

ମଙ୍ଗଳବାର ନୂଆପଡା ଜିଲା ଖରିଆରରୋଡ ସୀମାନ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି ଏସ୍‌ପି ରାହୁଲ ଜୈନ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଅଧିକ ପୋଲିସ ଫୋର୍ସ ମୁତୟନ କରି ସୀମାରେ କୋଭିଡ୍ କଟକଣାକୁ ଆହୁରି ଜୋରଦାର କରାଯିବ। ଛତିଗଡରୁ ପ୍ରବେଶ କରିବା ମୁଖ୍ୟଗେଟ ହେଉଛି ଖରିଆର ରୋଡ ସହରର ଜୋଙ୍କ ନଦୀ ରେଲୱେ ଫାଟକ। ସେଠାରେ ପୋଲିସ ଓ ମେଡିକାଲ ଷ୍ଟାଫ ଆଲଟ ରହିଛନ୍ତି। ସେମାନେ ବାହାରୁ ଆସିଥିବା ଲୋକଙ୍କୁ ନେଗେଟିଭ୍ ସାର୍ଟିଫିକେଟ ମାଗି ଆଟିଜେନ ଟେଷ୍ଟ କରି ଜିଲା ଭିତରକୁ ଛାଡାଯାଉଛି ବୋଲି ଏସ୍‌ପି କହିଛନ୍ତି। ନୂଆପଡାରେ ବର୍ତ୍ତମାନ କରୋନା ସଂକ୍ରମଣ ସ୍ଥିତି ଅନିୟନ୍ତ୍ରୀତ ହେବାକୁ ଯାଉଛି। ଜିଲାରେ ଗତ କିଛି ଦିନ ଭିତରେ ହୁଁ ହୁଁ ହୋଇ ବଢିଚାଲିଥିବାରୁ ପ୍ରଶାସନ ଏହି ସଂକ୍ରମଣକୁ ଆୟତ ନ କଲେ ଆଗାମୀ ଦିନରେ ସ୍ଥିତି ସାଂଘାତିକ ହେବ। ଛତିଶଗଡରେ କରୋନା ସଂକ୍ରମଣ ଅଣାୟତ ହେବାରେ ଲାଗିଛି। ଏହାର ପ୍ରଭାବରେ ପଡୋଶୀ ଜିଲାର ସ୍ଥିତି ବିଗିଡିବାରେ ଲାଗିଛି। ଲୋକେ କୋଭିଡ୍ ନିୟମକୁ ଖାତିର ନ କରି ଲୁଚିଛପି ଗାଁକୁ ଆସି କାହାରି କିଛି ନ ଜଣାଇ ଘରେ ରହୁଥିବା ଅଭିଯୋଗ ହେଉଛି। ଛତିଶଗଡରୁ ନୂଆପଡାକୁ ପ୍ରବେଶ ପାଇଁ ଥିବା ୭ଟି ରାସ୍ତାକୁ ଜିଲା ପ୍ରଶାସନ ପକ୍ଷରୁ ସିଲ କରି ଦିଆଯାଇଛି। ଛତିଶଗଡକୁ ସବୁ ବସ୍ ବନ୍ଦ କରି ସୀମାରେ କଡାକଡି ଯାଞ୍ଚ କରାଯାଉଛି ବୋଲି ଏସ୍‌ପି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପୋଲିସ ପକ୍ଷରୁ ସୀମାରେ ୨୪ ଘଣ୍ଟା ପହରା ଦେଉଛନ୍ତି। ଛତିଶଗଡକୁ ସୀମାପାର କରି ଦେଉନାହାନ୍ତି। ଯାହାର ଯଦି ଜରୁରୀ ଅଛି ଆଣ୍ଟିଜେନ ଟେଷ୍ଟ କରି ଛଡାଯାଉଛି କିମ୍ବା ଛତିଗଡରୁ ଲୋକେ ଓଡିଶା ଆସିଲେ ତାହାର ଆଣ୍ଟିଜେନ ଟେଷ୍ଟ କରିବା ସହିତ ଆରଟି ପିସିଆର ନେଗେଟିଭ ରିପୋର୍ଟ, ଦୁଇ ଥର ଭାକ୍ସିନ ନେଇଥିବା ରିପୋର୍ଟ ଦେଖାଇ ବୋର୍ଡର ପାର ହେବେ। ସେମାନେ ଘରେ ଯାଇ ୭ ଦିନ ହୋମ କ୍ୱାରାଣ୍ଟାଇନରେ ରହିବେ। ସେମାନଙ୍କ ଲକ୍ଷ୍ୟଣ କିଛି ଜଣାପଡେ ତାହେଲେ କୋଭିଡ୍ ହସ୍ପିଟାଲରେ ରଖି ଚିକିତ୍ସା କରାଯିବ। ଲକ୍‌ଡାଉନ ନାଁରେ ପ୍ରବାସୀ ଓଡିଆମାନେ ଗାଁ ମୁହାଁ ହେଲେଣି। ସେମାନଙ୍କୁ ଆସିବା ପରେ ଅଣ୍ଟିଜେନ ଟେଷ୍ଟ କରି ହୋମ କ୍ୱାରାଣ୍ଟାଇନରେ ରଖିବା ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି ଜୈନ କହିଛନ୍ତି।


ଖରିଆର ରୋଡ ସୀମାନ୍ତରେ ଏସ୍‌ପି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

- ପୋଲିସ ପକ୍ଷରୁ ସୀମାରେ ୨୪ ଘଣ୍ଟା ପହରା
- ନୂଆପଡ଼ାକୁ ପ୍ରବେଶ ପାଇଁ ୭ଟି ରାସ୍ତା ସିଲ
- ସୀମାରେ କୋଭିଡ୍ କଟକଣାକୁ ଆହୁରି ଜୋର୍‌ଦାର

## ମାସ୍କ ଯାଞ୍ଚ: ୫୧ ହଜାର ଟଙ୍କା ଜରିମାନା ଆଦାୟ

ଭବାନୀପାଟଣା, ୧୩।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ପୋଲିସ ପକ୍ଷରୁ ଭବାନୀପାଟଣା ସହରରେ କୋଭିଡ୍ କଟକଣା ନେଇ ଟାଉନ ଥାନା ପକ୍ଷରୁ ସଚେତନତା ଆରମ୍ଭ ହୋଇଛି। କଳାହାଣ୍ଡି ଏସ୍‌ପି ଡା. ଶ୍ରବଣ ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ରମେଶଚନ୍ଦ୍ର ସେଠୀ, ଟାଉନ ଥାନା ଆଇଅଇସି ସତ୍ୟକୁମାର ନନ୍ଦଙ୍କ ନେତୃତ୍ୱରେ ସନ୍ଧ୍ୟାରେ ମାଇକ ଯୋଗେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମାସ୍କ ଓ ସାମାଜିକ ଦୂରତ୍ୱ ନେଇ ପୋଲିସ ପକ୍ଷରୁ ଜିଲାବ୍ୟାପି ଚଢଉ କରାଯାଇ ୧୧୦ ଜଣଙ୍କଠାରୁ ୫୧ ହଜାର ୫୦୦ ଟଙ୍କା ଜରିମାନା, ୧୧୦ ଜଣଙ୍କଠାରୁ ୩୨ ହଜାର ୫୦୦ ଟଙ୍କା ଏମ୍‌ଭି ଜରିମାନା ଆଦାୟ କରାଯାଇଥିଲା। ସେହିଭଳି ଗୋଟିଏ ବେଆଇନ ଦେଶୀ ମଦ ବିକ୍ରି ଉପରେ ଚଢାଉ କରାଯାଇ ୧୧.୬ ଲିଟର ମଦ ଜବତ କରାଯାଇଛି।

## ଖଡ଼ିଆଳ ବଣିକ ସଂଘର ୯ ଦିନ ଲକ୍‌ଡାଉନ ଘୋଷଣା

ଖଡିଆଳ, ୧୩।୪ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ସହରର ବଣିକ ସଂଘ ପକ୍ଷରୁ କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ୯ ଦିନ ଆସନ୍ତା ୧୬ ତାରିଖରୁ ୨୪ ପର୍ଯ୍ୟନ୍ତ ଖଡିଆଳ ସହରର ସମସ୍ତ ଦୋକାନବଜାର ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଏ ନେଇ ବଣିକ ସଂଘ ସଭାପତି ରଶ୍ମିରଞ୍ଜନ ଚାଲାନ, ସମ୍ପାଦକ ସମିତ ପଣ୍ଡା ସହକାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଏହା ଦ୍ୱାରା କରୋନାର ଚେନ୍‌କୁ ଭାଙ୍ଗିବା ସହିତ ସାମାଜିକ ଦୂରତା ରହିବ ଏବଂ ଏହି ନିଷ୍ପତ୍ତି ଦ୍ୱାରା ସମସ୍ତେ ଘରେ ରହି ସୁସ୍ଥ ରହିବା ବୋଲି ବଣିକ ସଂଘ ସଭାପତି କହିଛନ୍ତି। ଏହି ଲକ୍‌ଡାଉନରେ ଖଡିଆଳର ଉଠାଦୋକାନୀ, ଠେଲା ଏବଂ ପନିପରିବା ଦୋକାନଗୁଡିକ ବନ୍ଦ କରିବାକୁ ଅନୁରୋଧ କରାଯାଇଛି। ପନିପରିବା ଦୋକାନକୁ ଅଳ୍ପ ସମୟ ପର୍ଯ୍ୟନ୍ତ ଖୋଲା ରଖିବାକୁ ଅନୁରୋଧ କରାଯାଇଛି। ପରେ ସବୁ ବନ୍ଦ ରହିବ ବୋଲି ସଭାପତି ରଶ୍ମିରଞ୍ଜନ ଚାଲାନ ଜଣାଇଛନ୍ତି।

## ନୂଆପଡ଼ା ଜିଲା: ଆରଟି ପିସିଆରରୁ ୩୦୩, ଆଣ୍ଟିଜେନ ଟେଷ୍ଟରୁ ୯୯ ଚିହ୍ନଟ

ନୂଆପଡ଼ା ଅଫିସ,୧୩।୪

ନୂଆପଡା ଜିଲାରେ କରୋନା ସଂକ୍ରମିତ ହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯେଉଁ ପ୍ରକାରେ ଦ୍ୱିତୀୟ ଲହର ବଢି ଚାଲିଛି ତାହାକୁ ଦେଖି ଲୋକେ ଭୟଭିତ ହୋଇପଡିଲେଣି। ଜିଲାରେ କରୋନା ଦ୍ୱିତୀୟ ଲହରରେ ୭ଦିନ ଭିତରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ଆଉ ଜଣଙ୍କ ଜୀବନ ନେଇଛି କରୋନା। ମୃତକ ହେଲେ ଖଡ଼ିଆଳ ବ୍ଲକର ୫୫ ବର୍ଷିୟ ପୁରୁଷ। ସେ ଗତ ୧୧ ତାରିଖରେ କରୋନାରେ ଚିହ୍ନଟ ହୋଇ ଜିଲା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସୋମବାର ୧୦୧ଜଣ ସଂକ୍ରମିତ ହୋଇଥିବା ବେଳେ ମଙ୍ଗଳବାର ୯୯ଜଣ ନୂଆଁ ସଂକ୍ରମିତ ଚିହ୍ନଟ ହୋଇଥିବା ଆଣ୍ଟିଜେନ ଟେଷ୍ଟରୁ ଜଣାପଡିଛି। ଆରଟି ପିସିଆର ଟେଷ୍ଟରୁ ମଙ୍ଗଳବାର ୩୦୩ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି ବୋଲି କୋଭିଡ ଅଧିକାରୀ ଡା.ଗୋପାଲ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି। ଜିଲାରେ ୯୯ ଜଣଙ୍କ ମଧ୍ୟରୁ ନୂଆପଡାରେ ୧୯ଜଣ ଖଡିଆଳ ଉପଖଣ୍ଡରେ ୧୭, କୋମନାରେ ୧୭, ସିନାପାଲିରେ ୧୩, ବୋଡେନରେ ୧୫ ଓ ଖରିଆର ରୋଡରେ ୧୮ଜଣ ନୂଆଁ କରୋନା ସଂକ୍ରମଣ ଚିହ୍ନଟ ହୋଇଛନ୍ତି।

## ଦଶମ ବୋର୍ଡ ପରୀକ୍ଷା କେନ୍ଦ୍ର ପାଇଁ ଦାବିପତ୍ର

### ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ

ନୂଆପଡ଼ା ଅଫିସ,୧୩।୪

ନୂଆପଡା ଜିଲା ବୋଡେନ ବ୍ଲକ କର୍ଲାକୋର୍ଟ ଗାଁ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା କେନ୍ଦ୍ର କରାଯିବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କୁ ଅଭିଭାବକମାନେ ଦାବିପତ୍ର ପ୍ରଦାନ କରିଛନ୍ତି। କର୍ଲାକୋର୍ଟ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ୮୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆଗାମୀ ମେ ୩ରେ ଦଶମ ବୋର୍ଡ ପରୀକ୍ଷା ହେବାକୁ ଯାଉଛି। ଗତବର୍ଷ ବିଦ୍ୟାଳୟଠାରୁ ୧୦/୧୫ କି.ମି. ଦୂର ପରୀକ୍ଷା ଦେବା ପାଇଁ ଯିବାକୁ ପଡିଥିଲା। ଫଳରେ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦାବିପତ୍ର ପ୍ରଦାନ ବେଳେ ରବି ଶଙ୍କର ବାଗ, ଅକ୍ଷୟ କୁମାର ବେହେରା, ଲିଙ୍ଗରାଜ ବେହେରା, ଉମାକାନ୍ତ ବେହେରା, କୈବଲ ବାଗ, ଦୟାରାମ ବେହେରା, ଲୋଚନି କାଣ୍ଡ, ଜଳଧର ପଟେଲ, ରଥ ପଟେଲ, ମନେ ପଟେଲ, ଗଣ୍ଡାରାମ ଦଳ, ସାନ ଜଗତ, ଇନ୍ଦ୍ର ମାଝି, କୈଳାସ ଦଳ, ସୁମିତ୍ରା ଦଳ, ତରୁଣି ଦୁରିଆ ପ୍ରମୁଖ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଉପସ୍ଥିତଥିଲେ।

## ଅଳକାପୁରୀ ସିଭିଲ୍ ସୋସାଇଟି ବୈଠକ

ଭବାନୀପାଟଣା, ୧୩।୪ (ଡି.ଏନ.ଏ.)

ଭବାନୀପାଟଣା ରାମନଗରପଡା ଅଳକାପୁରୀ ସିଭିଲ ସୋସାଇଟି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଭିଲ ଶୋସାଇଟି ସଭାପତି ଉମେଶଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଉପସଭାପତି ଭାବେ ରାଜେନ୍ଦ୍ର ସାହୁ, ସମ୍ପାଦକ ରୁପେଶ ହୋତା, ସହସମ୍ପାଦକ ସଂଜୟ ଦାସ, କୋଷାଧକ୍ଷ ଅରୁଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଗଣେଶଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଦସ୍ୟ ଶ୍ରୀନିବାସ ଶର୍ମା, ଭାରତୀ ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ସଞ୍ଜୟ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରୁପେଶ ହୋତା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜୁଆ ଆଡ୍ଡା ଉପରେ ଚଢ଼ାଉ, ୫ ଜୁଆଡି ଗିରଫ

ନୂଆପଡ଼ା ଅଫିସ,୧୩।୪ : ନୂଆପଡା ଜିଲା ଜୋଙ୍କ ଥାନା ପୋଲିସ ବନକା ଗାଁ ନିକଟ ଜୋଙ୍କ ନଦୀ ପଠାରେ ଚଢାଉ କରି ୫ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ପୋଲିସ ନଗଦ ୧୦ ହଜାର ୫୨୦ ଟଙ୍କା, ଏକ ବାଇକ୍ ଓ ମୋବାଇଲ ଫୋନ ଜବତ କରିଛି । ସୋମବାର ସନ୍ଧ୍ୟାରେ ଖରିଆର ରୋଡ ସହର ବନକା ଗାଁ ନିକଟ ପଡୋଶୀ ଛତିଶଗଡ ସୀମା ଜୋଙ୍କ ନଦୀପଠାରେ ଜୁଆ ଖେଳ ଚାଲିଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା । ଜୋଙ୍କ ଥାନା ଆଇଆଇସି ଅନିରୁଧ ମୁଦୁଲିଙ୍କ ନେତୃତ୍ୱରେ ପୋଲିସ ଟିମ ଜୁଆଆଡ୍ଡା ଉପରେ ଚଢାଉ କରିଥିଲା। ସେଠାରୁ ୫ଜଣ ଜୁଆଡିଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଖରିଆରରୋଡ ସହର ୱାର୍ଡ ନଂ ୧୯ର ଇନ୍ଦ୍ରଜିତ ସିଂ ଗୁରୁଦତ (୩୧), ସନ୍ତୋଷ ଅଦା (୨୯), ୱାର୍ଡ ନଂ ୧୫ର ଅବଦୁଲ କଲାମ ଖାନ (୨୪), ୱାର୍ଡ ନଂ ୬ ଏଲଡି ପଡାର ବିନୋଦ ଜାଲ (୪୪), ୱାର୍ଡ ନଂ ୧୭ର ହରି ପ୍ରସାଦ ସିହ୍ନା (୩୯)। ଏସଆଇ ଭାରତୀ ନାୟକ, ଏସଆଇ ମନୋଜ ସାହୁ, ଏସଆଇ ଡି ଓରାମ ଏସଆଇ ଆଶିଷ ପ୍ରଧାନ, ପ୍ରଦୀପ ପାଣିଗ୍ରାହୀ, ଜ୍ୟୋତି ରଞ୍ଜନ ମହାନ୍ତିଙ୍କ ସମେତ ଆଇଆରବି ଫୋର୍ସ ଚଢାଉରେ ସାମିଲ ଥିଲେ।

### ତୃତୀୟ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ଦାବିରେ ବିକ୍ଷୋଭ

ଭବାନୀପାଟଣା, ୧୩।୪ (ଡି.ଏନ.ଏ.): ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ କରୋନା ପାଇଁ ଛାତ୍ରୀଛାତ୍ରମାନେ ତୃତୀୟ ସେମିଷ୍ଟର ପରୀକ୍ଷା ଧାର୍ଯ୍ୟ ସମୟ ଘୁଞ୍ଚାଇବା ଦାବି କରି ସୋମବାର ଶହ ଶହ ଛାତ୍ରୀଛାତ୍ର ବିଶ୍ୱ ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ଗେଟ୍‌ରେ ବସି ବିକ୍ଷୋଭ କରିଥିଲେ। ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିବିଏ, ୟୁଜି, ବିସିଏ ଛାତ୍ରୀଛାତ୍ରମାନଙ୍କ ତୃତୀୟ ପାଇଁ ସେମିଷ୍ଟାର ପରୀକ୍ଷା ଆସନ୍ତା ୧୯ ତାରିଖରୁ ୩୦ ଯାଏଁ ଚାଲିବା ପାଇଁ ସ୍ଥିର ହୋଇଛି। କରୋନା କଟକଣା ଯୋଗୁ ଛାତ୍ରୀଛାତ୍ରମାନଙ୍କ ପାଠପଢା ଠିକ୍ ଭାବେ ହୋଇପାରିନାହିଁ। ଉକ୍ତ ସେମିଷ୍ଟାର ପରୀକ୍ଷାକୁ ଘୁଞ୍ଚାଇବା ଦାବି କରି ସୋମବାର ଶତାଧିକ ଛାତ୍ରୀଛାତ୍ର କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ମୁଖ୍ୟ ଗେଟ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ କରିଥିଲେ।

### ଅନ୍‌ଲାଇନରେ ପରୀକ୍ଷା ଦାବି

#### ରାଜ୍ୟପାଳଙ୍କୁ ଦାବିପତ୍ର ଦେଲେ ଛାତ୍ରୀଛାତ୍ର

ବୌଦ୍ଧ,୧୩।୪(ସ୍ୱ.ପ୍ର.): କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଚଳିତବର୍ଷ ଯୁକ୍ତ ତିନି ତୃତୀୟ ବର୍ଷ ସେମିଷ୍ଟାର ପରୀକ୍ଷା ଅଫଲାଇନ ପରିବର୍ତ୍ତେ ଅନ୍‌ଲାଇନ ମୋଡରେ କରିବାକୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଦାବି କରିଛନ୍ତି । ଏହି ଅବସରରେ ଛାତ୍ରୀଛାତ୍ରମାନେ ସୋମବାର ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଜରିଆରେ ରାଜ୍ୟପାଳ ଗଣେଶି ଲାଲଙ୍କ ନିକଟକୁ ଏକ ଦାବିପତ୍ର ପଠାଇଛନ୍ତି । ଆସନ୍ତା ୨୭ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ଅନ୍‌ଲାଇନରେ କରିବାକୁ ଏଥିରେ ଦାବି କରାଯାଇଛି ।

### ପୂର୍ବତନ ସରପଞ୍ଚ ସୁରେଶ ତ୍ରିପାଠୀଙ୍କ ପରଲୋକ

ବିନିକା,୧୩.୪(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାପ କମିରା ଗ୍ରାମର ସୁରେଶ ତ୍ରିପାଠୀ(୬୦)ଙ୍କ ସୋମବାର ବିଳମ୍ବିତ ରାତ୍ରିରେ



ଭୁବନେଶ୍ୱରସ୍ଥ ଏମ୍‌ସ ହସପିଟାଲରେ ପରଲୋକ ହୋଇଯାଇଛି । ବ୍ରେନ୍ ହାମ୍ରେଜ୍ ଯୋଗୁ ଗତ ମାର୍ଚ୍ଚ ମାସରୁ ସେ ବିଭିନ୍ନ ହସପିଟାଲରେ ଚିକିତ୍ସିତ ହୋଇ ଶେଷରେ ଏମ୍‌ସରେ ଭର୍ତ୍ତି ହୋଇଥିଲେ । ୧୯୫୫ ମସିହାରେ ସୁରେଶ ସିଂଘିଯୁବା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ଜଣେ ସଚ୍ଚୋଟ କଂଗ୍ରେସ ନେତା ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ଲୋକଙ୍କ ସେବାକୁ ଜୀବନର ବ୍ରତ ଭାବେ ଧରି ନେଇଥିଲେ । ତାଙ୍କର ସ୍ତ୍ରୀ ପୂର୍ଣ୍ଣମାସୀ(୫୬) ଓ ୪ ଜଣ ପୁଅ ଅଛନ୍ତି । ସୁରେଶଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ୨୫ ପିଇଆଇ, ଏଇଆଇ ଶିକ୍ଷକ ବହିଷ୍କୃତ

ଜୁନାଗଡ, ୧୩।୪ (ଡି.ଏନ.ଏ.)

### କଳାହାଣ୍ଡି ଜିଲା

- ନକଲି ସାର୍ଟିଫିକେଟ ଦେଇ ଚାକିରି କରିବା ମହଙ୍ଗା ପଡ଼ିଲା
- ଜୁନାଗଡ ବ୍ଲକରୁ ୯ ଜଣ

ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠପଢା ବ୍ୟତିତ ଶାରୀରିକ ଶିକ୍ଷା ଓ କଳା ଶିକ୍ଷା ଦେବା ପାଇଁ ସରକାର ବିଭିନ୍ନ ସ୍କୁଲରେ ଜଣେ ଲେଖାଁଏ ପିଇଆଇ, ଏଇଆଇ (ଶାରୀରିକ ଶିକ୍ଷା ଶିକ୍ଷକ, କଳା ଶିକ୍ଷକ) ନିଯୁକ୍ତି କରିଥିଲେ। କଳାହାଣ୍ଡି ଜିଲାରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ମଧ୍ୟରୁ ଅଧିକାଂଶଙ୍କ ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଜଣାପଡିଥିଲା। ଯାହାକି ସେମାନଙ୍କ ପାଇଁ ଏବେ ମହଙ୍ଗା ପଡିଛି। ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ଘଟଣାର ତଦନ୍ତ କରି ଜିଲାର ବିଭିନ୍ନ ବ୍ଲକର ୨୫ଜଣ ପିଇଆଇ, ଏଇଆଇ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରିଥିବା ଜଣାପଡିଛି। ଏଥିରେ ଜୁନାଗଡ ବ୍ଲକରେ ୯ଜଣ ଓ ଅବଶିଷ୍ଟ ଅନ୍ୟ ବ୍ଲକର ରହିଥିବା ଜଣାପଡିଛି। ପ୍ରକାଶ ଯେ, ଏହି ଶିକ୍ଷକମାନେ ନିଯୁକ୍ତି ସମୟରେ ଦେଇଥିବା ସାର୍ଟିଫିକେଟର ତାଳମେଳ ନ ଥିବା ଏକ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଥିଲା। ଏହି ସମ୍ପର୍କରେ ଗତ ୨୦ ଜୁଲାଇ ୨୦୧୯ରେ ପ୍ରଥମ କରି 'ଧରିତ୍ରୀ'ରେ 'ପିଆଇ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା।


ପିଇଆଇ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ଧରିତ୍ରୀରେ ପ୍ରକାଶ ପାଇଥିବା ଖବର ।

## ଆତ୍ମା କମିଟି ପକ୍ଷରୁ ଉଦ୍ୟାନ ଚାଷୀଙ୍କୁ ତାଲିମ

ଭବାନୀପାଟଣା,୧୩।୪ (ଡି.ଏନ.ଏ.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଡୁଙ୍ଗୁରିଗୁଡାଠାରେ ଆତ୍ମା କମିଟି ପକ୍ଷରୁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ଉଦ୍ୟାନ କୃଷି ବିଭାଗ ଅଧିକାରୀ ବିମଳ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ସଦର ବ୍ଲକ ଉପାଧକ୍ଷ ତଥା ବ୍ଲକ ଆତ୍ମା କମିଟି ଅଧକ୍ଷ ସଚ୍ଚିଦାନନ୍ଦ ମହାଖୁଡ, ଜୁନାଗଡ ବ୍ଲକ ଆତ୍ମା କମିଟି ଅଧକ୍ଷ ଅଶୋକ ପଟ୍ଟନାୟକ, ଲାଞ୍ଜିଗଡ ଓ ଥୁଆମୂଳ ରାମପୁର ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଅନନ୍ତ ନାରାୟଣ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରିଷିଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୩୦ଜଣ ପନିପରିବା ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସହକାରୀ ବ୍ଲକ ଉଦ୍ୟାନ କୃଷି ଅଧିକାରୀ ସନ୍ତୋଷ ସାହୁ, ଆତ୍ମା କମିଟି ସହକାରୀ ବୈଷୟିକ ପରିଚାଳକ ସୁଜିତ ନେଗୀ ଚାଷୀମାନଙ୍କୁ ତାଲିମ ଦେଇଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଜବତ, ୨ ଗିରଫ

କେସିଙ୍ଗା/କର୍ଲାମୁଣ୍ଡା, ୧୩।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ରେଲୱେ ଷ୍ଟେଶନ ଏକ କି.ମି. ଦୂର ମୂଷାଘାଟି ନିକଟରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ଉଦ୍ଧାର କରାଯାଇଛି। ମୃତକ ହେଲେ କର୍ଲାମୁଣ୍ଡା ବ୍ଲକ ରେଗଡା ଗାଁର ଶେଷଦେବ କମ୍ପା। ଗତ ୧୧ ତାରିଖରୁ ସେ ନିଖୋଜ ଥିଲେ। ଏ ନେଇ ମୃତକଙ୍କ ବଡଭାଇ ଦୁର୍ଯ୍ୟୋଧନ କମ୍ପା ଏମ. ରାମପୁର ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ତ୍ରିଲୋଚନ ସାହୁ ଓ ସୁରେନ୍ଦ୍ର ସାହୁଙ୍କୁ ଏମ. ରାମପୁର ପୋଲିସ ଗିରଫ କରିଛି। କେସିଙ୍ଗା ରେଲୱେ ଷ୍ଟେଶନ ଏକ କି.ମି. ଦୂର ମୂଷାଘାଟି ନିକଟରେ ଅଧା ଦରପୋଡା ଶବ ପୋଲିସ ଜବତ କରିଛି। ତାଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ଅନୁମାନ କରାଯାଉଛି। ଅପରପକ୍ଷେ କେସିଙ୍ଗା ରେଳ ଷ୍ଟେଶନ ଗୋଦାମ ନିକଟସ୍ଥ ଏକ ବୁଦା ପାଖରୁ ଯୁବକଙ୍କ ଗଳିତ ଶବ ଜବତ କରାଯାଇଛି। କେସିଙ୍ଗା ଏସଡିପିଓ ଏସ. ସୁଶ୍ରୀଙ୍କ ତତ୍ତ୍ୱାବଧାନରେ ଭବାନୀପାଟଣାରୁ ଏକ ସାଇଣ୍ଟିଫିକ୍ ଟିମ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏମ. ରାମପୁର ଥାନାରେ ଏକ ମାମଲା (ନଂ.୭୯/୨୧) ରୁଜୁ ହୋଇଛି। କେଉଁ କାରଣରୁ ତାଙ୍କୁ ହତ୍ୟା ଘଟିଛି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଏମ.ରାମପୁର, ନର୍ଲା, ଓ କେସିଙ୍ଗା ଥାନାର ୩ଜଣିଆ ପୋଲିସ ଟିମ ପହଞ୍ଚି ତଦନ୍ତ ଜାରି ରହିଛି।

## ଲୋକଭାଷା ପ୍ରଚାର ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା, ୧୩।୪ (ଡି.ଏନ.ଏ.)

ଓଡ଼ିଶା ସରକାର ଶିକ୍ଷାକ୍ଷେତ୍ରରେ ସଂସ୍କୃତ ବିଷୟକୁ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ହାଇସ୍କୁଲରେ ତୃତୀୟ ଭାଷା ସହିତ ଧନ୍ଦାମୂଳକ ଶିକ୍ଷାକୁ ଅନ୍ତର୍ଭୁକ୍ତ କରି ପରୋକ୍ଷରେ ଅବହେଳା କରୁଛନ୍ତି। ତେଣୁ ସଂସ୍କୃତକୁ ବାଧ୍ୟତାମୂଳକ କରାଯିବା ଦାବିରେ ଲୋକଭାଷା ପ୍ରଚାର ସମିତି କଳାହାଣ୍ଡି ଶାଖା ପକ୍ଷରୁ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିନିଧି ଦଳରେ କଳାହାଣ୍ଡି ଶାଖା ସଭାପତି ଅଧ୍ୟାପକ ଲଳିତ ପଣ୍ଡା, ସମ୍ପାଦକ ଡ. ଆବର୍ତ୍ତ ତାଣ୍ଡିଆ, ଦେବାନନ୍ଦ ବାଗ, ସୌମ୍ୟ ବାଣୁଆ, ଅଙ୍କିତ ବାଗ, ଅନୁପମା ମହାନ୍ତି, ପ୍ରଦୀପ ନାଏକ, ଅଜୟ ପଟେଲ, ପୂଜାରାଣୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ଭଙ୍ଗାଘରେ ବିତୁଛି ଜୀବନ

ବିନିକା, ୧୩।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ଦେଣ୍ଟୁପଦର ଗ୍ରାମର ରାଜକୁମାର ଛନ୍ଦ(୪୫)। ୪ବର୍ଷ ହେଲା ଅଜଣା ରୋଗରେ ଆକ୍ରାନ୍ତ ହୋଇ ଅକର୍ମଣ୍ୟ ହୋଇଯାଇଛନ୍ତି। ସ୍ତ୍ରୀ ବେଦମତୀ(୪୦) ସ୍ୱାମୀଙ୍କ ଚିନ୍ତାରେ ଦୁର୍ବଳ ହୋଇପଡିଛନ୍ତି। ଏହି ପରିସ୍ଥିତିରେ ଦୁଇପୁଅ ସାଗର(୨୦) ଓ ସ୍ୱାଗତ(୧୬) ପରିବାରର ବୋଝ ସମ୍ଭାଳୁଛନ୍ତି। ଭଙ୍ଗା ଟିଣଘରେ ବଡ଼କଷ୍ଟରେ ଏବେ ଜୀବନ ଅତିବାହିତ କରୁଛନ୍ତି ଏହି ଗରିବ ପରିବାର।

ରାଜକୁମାର ବେଶ୍ ସୁସ୍ଥସବଳ ଥିଲେ। କୁଲି ମଜୁରି କରି ୪ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରୁଥିଲେ। ୨୦୧୭ ମସିହାରେ ହଠାତ୍ ଅଜଣା ରୋଗରେ ଆକ୍ରାନ୍ତ ହେଲେ। ଘରେ ଯାହା ଥିଲା ବିକ୍ରିବଟା କରି ବୁର୍ଲାରେ ତାଙ୍କର ଚିକିତ୍ସା ହେଲା। ହେଲେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସିଲାନି। ଏପଟେ ଉଚ୍ଚ ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଲା। ବାଧ୍ୟ ହୋଇ ପରିବାର ଲୋକେ ରାଜକୁମାରଙ୍କୁ ଘରକୁ ଫେରାଇ ଆଣିଲେ। ଘରକୁ ଆସିବାର କିଛିଦିନ ପରେ ରାଜକୁମାରଙ୍କ ହାତ ଅଚଳ ହୋଇଗଲା। ପରେ ସେ ଭଲଭାବେ କଥା କହିପାରିଲେ ନାହିଁ। ମା, ବାପାଙ୍କ ଚିକିତ୍ସା ସହ ଘର ଚଳାଇବା ବୋଝ ସାଗର ଓ ସ୍ୱାଗତଙ୍କ ଉପରେ ଯେମିତି ଅଜାଡି ହୋଇପଡିଲା। ଉଭୟେ ବିଭିନ୍ନ ଦୋକାନରେ କାମଧନ୍ଦା କରି ପରିବାର ଚଳାଉଛନ୍ତି। ରାଜକୁମାରଙ୍କୁ ଭିନ୍ନକ୍ଷମ ଭତ୍ତା ବାବଦକୁ ମାସିକ ମିଳୁଛି ୫ଶହ ଟଙ୍କା। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେ ୬୦ଭାଗ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଛନ୍ତି। ହେଲେ ନିୟମାନୁଯାୟୀ ତାଙ୍କୁ ଅଦ୍ୟାବଧି ୭ଶହ ଟଙ୍କା ଭତ୍ତା ମିଳିନାହିଁ।

ଖାଦ୍ୟ ସୁରକ୍ଷା ଯୋଜନାରେ ମୁଣ୍ଡପିଛା ୫କିଲୋ ହିସାବରେ ରାଜକୁମାରଙ୍କ ପରିବାରକୁ ପଞ୍ଚାୟତ ପକ୍ଷରୁ ମିଳୁଛି ମାସିକ ୨୦କେଜି ଚାଉଳ। ଏହା ଏହି ଗରିବ ପରିବାରକୁ ଯଥେଷ୍ଟ ହେଉନାହିଁ। ଏଣୁ ଏହି ଗରିବ ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ୩୫କେଜି ଚାଉଳ ଯୋଗାଇ ଦେବାକୁ ରାଜକୁମାର ବିଭିନ୍ନ ସମୟରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି। ହେଲେ ତାହା ତାଙ୍କୁ ମିଳିନାହିଁ। ପୁନଶ୍ଚ ଭଙ୍ଗାଘରେ ରହୁଥିଲେ ବି ଭିନ୍ନକ୍ଷମ କୋଟାରେ ତାଙ୍କୁ ଏ ଯାଏ ଆବାସ ଯୋଜନାରେ ଘର ମିଳି ନ ଥିବା କହିଛନ୍ତି ରାଜକୁମାରଙ୍କ ସ୍ତ୍ରୀ ବେଦମତୀ। ଏ ନେଇ ବାବୁପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ନିମାଇଁ ଚରଣ ନାଇକଙ୍କୁ ପଚାରିବାରୁ ରାଜକୁମାରଙ୍କ ବିଷୟରେ ମୋ ପାଖରେ ଖବର ନାହିଁ। ସେ ସମସ୍ତ ପ୍ରମାଣପତ୍ର ଦେଲେ ହିତାଧିକାରୀଙ୍କ ଯୋଗ୍ୟତା ମୁତାବକ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି।


ସ୍ତ୍ରୀ ବେଦମତୀଙ୍କ ସହ ନିଜ ଘର ସମ୍ମୁଖରେ ରାଜକୁମାର।

- ଭିନ୍ନକ୍ଷମ ହେଲେ ବି ମିଳିନି ଆବାସ ଯୋଜନାରେ ଘର
- ସ୍ୱାମୀଙ୍କ ପରେ ସ୍ତ୍ରୀ ରୋଗାକ୍ରାନ୍ତ
- ଦୁଇପୁଅଙ୍କ ଭରସାରେ ବିତୁଛି ଜୀବନ